ବର୍ଷ-୨୫, ସଂଖ୍ୟା-୧୭୭
ଭୁବନେଶ୍ୱର
୦୩, ଜୁଲାଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 177
Bhubaneswar
03, July, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଗିଲ୍‌ଙ୍କ ଦମ୍‌ଦାର ଶତକ

# ଦକ୍ଷିଣ ମୋଡ ନେଲା ତିନି ରଥ



**ପୁରୀ, ୨।୭ (ମହାଭାରତ):** ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଏବେ ଜନ୍ମବେଦୀରେ ଲୀଳା କରୁଛନ୍ତି। ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଅଛନ୍ତି ତିନିରଥ। ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଏଥିପାଇଁ ଆଜି ତିନିରଥର ଦକ୍ଷିଣ ମୋଡ ନେଇଛି। ଅର୍ଥାତ୍ ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବୈଷୟିକ ଟିମ୍ ଦ୍ୱାରା ମଙ୍ଗଳବାର ତିନିରଥର ଯାଞ୍ଚ କରାଯାଇଛି। ତିନିରଥର ମହାରଣା ସେବକ, ଭୋଇ ସେବକ, କମାର ସେବକଙ୍କ ଉପସ୍ଥିତିରେ ଆବଶ୍ୟକ ଛୋଟମୋଟ ମରାମତି ହୋଇଛି। ରଥଯାତ୍ରାରେ ତିନିରଥ ପ୍ରାୟ ୨.୬କିମି ବଡ଼ଦାଣ୍ଡରେ ଗଡ଼ିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ରଥ ଟାଣିଥିଲେ। ତେଣୁ ରଥରେ କେଉଁଠି କ'ଣ ତ୍ରୁଟି ଥାଇପାରେ, ସେଥିଲାଗି ମଙ୍ଗଳବାର ପୂର୍ତ୍ତ ବିଭାଗ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। କେତେକ ଜାଗାରେ କଣ୍ଟା ଖସିଥିବା ବେଳେ ତାହାକୁ ବାଡ଼ାଯାଇଛି।

ଫାଟ ଜାଗାରେ ପହିପାତିଆ। ଓ ଲୁହା କ୍ଲାମ୍ପ୍ ଦିଆଯାଇ ମରାମତି ହୋଇଛି। ବଡ଼ ଠାକୁରଙ୍କର ତାଳଧ୍ୱଜ ରଥର ୯ଚକରେ ୧୮ଖଣ୍ଡ ପହିପାତିଆ। (ପ୍ଲେଟ୍) ଏବଂ ନନ୍ଦିଘୋଷ ରଥରେ ୨ଖଣ୍ଡ ପହିପାତିଆ। ବାଡ଼ିଆ। ଯାଇଛି। ଗୋଟିଏ ପ୍ଲେଟର ଚଉଡ଼ା ୬ ଇଞ୍ଚ ଏବଂ ଲମ୍ବ ୨ଫୁଟ୍ ରହିଥିଲା। ଏହାକୁ ଚକ ପହି ଫାଙ୍କ ଜାଗାରେ ଦୁଇପଟେ ଦିଆଯାଇ ସେଟ୍ କରାଯାଇଛି। ସେହିପରି ଖସିଥିବା ବଳାକୁ ଠିକ୍ ଭାବେ ଲଗାଯାଇଥିବା ବେଳେ ଅନ୍ୟ ଛୋଟମୋଟ ଯାହା ବି ତ୍ରୁଟି ଥିଲା, ତାହାର ସମାଧାନ କରାଯାଇଛି। ଏଥିପାଇଁ ରେଲୱେ ଜଗ୍ ବ୍ୟବହାର କରାଯାଇଥିଲା। ଏହାସହ ବଡ଼ଦାଣ୍ଡରେ ବାଲି ବି ପକାଯାଇଛି। ଆସନ୍ତାକାଲି ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ଆଜି ମଧ୍ୟାହ୍ନ ସାଢ଼େ ୧୨ଟାରେ ରଥ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହେବ ବୋଲି ସ୍ଥିର କରାଯାଇଛି। ସୂଚନାଥାଉ କି, ଦକ୍ଷିଣୀ ମୋଡ଼ ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ଯାଞ୍ଚ କରାଯାଇଥିଲା।

## ଆଉ ୫ ଲକ୍ଷ ଚିଟଫଣ୍ଡ ଜମାକାରୀଙ୍କୁ କ୍ଷତିପୂରଣ

**ଭୁବନେଶ୍ୱର, ୨।୭ (ମହାଭାରତ):** ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲାସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏତଦ୍‌ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ, ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା, ଦୀର୍ଘ ୧୦ ବର୍ଷ, ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

## ମାଟି ଅତଡା ଧସି ୩ ମୃତ

**କେନ୍ଦୁଝର, ୨।୭ (ମହାଭାରତ):** ସୁବର୍ଣ୍ଣରେଖା, ଜଳକା, ବୁଢାବଳଙ୍ଗର ବନ୍ୟା ପାଣି ଏକାଧିକ ଗାଁରୁ ଛାଡି ନଥିବା ବେଳେ ଦାଉ ସାଜିଛି ଲଗାଣ ବର୍ଷା। ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲ୍ଲାରେ ଲାଗି ରହିଛି ପ୍ରବଳ ବର୍ଷା।

ଲଗାଣ ବର୍ଷା ଯୋଗୁଁ କୋରାପୁଟ-ଜୟପୁର ରେଳପଥ ଜରଟି ନିକଟରେ ପାହାଡ ଧସି ରେଳ ଧାରଣା ଉପରେ ପଡିଛି। ଯାହାଫଳରେ ସେହି ଲାଇନରେ ପ୍ରଭାବିତ ହୋଇଛି ରେଳ ଚଳାଚଳ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଜମାନ ଗାଡ଼ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଡ୍ରାଇଭର୍ସନ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ରାସ୍ତା ଧୋଇଯିବାରୁ ଦଶମନ୍ତପୁର ଓ କୋରାପୁଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମାଟି ଅତଡା ଧସି କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବିଛାକୁଣ୍ଡୀ ନିକଟସ୍ଥ ଦଲ ପାହାଡ ଠାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ବେଆଇନ ମାଙ୍ଗାନିଜ ଖଣିଜ ଉତ୍ତୋଳନ ବେଳେ ଏଭଳି ଘଟଣା ଘଟିଥିବା କୁହାଯାଉଛି।

ସୁବର୍ଣ୍ଣରେଖା ଓ ଜଳକାରେ ପାଣି କମୁଥିଲେ ବି ଲୋକଙ୍କ ଦୁର୍ଦ୍ଦଶା କମୁନି। ଭୋଗରାଇ ଅଞ୍ଚଳରୁ ଆସିଛି ବନ୍ୟାର ଭୟଙ୍କର ଦୃଶ୍ୟ। ଭୋଗରାଇ ବ୍ଲକର କୁଶୁଡା, ଗବଗାଁ, ଲାଛିଣ୍ଡା ଓ ଖରିଦିପିପଲ ପଂଚାୟତ ପାଣି ଘେରରେ ଅଛି। ଲୋକଙ୍କ ଯାତାୟତ ପାଇଁ ଦୁଇଟି ଡଙ୍ଗା ଦିଆଯାଇଛି। କୁମ୍ଭୀରଗଡି ଓ ଆରୁହାବର୍ତ୍ତୀ ପଞ୍ଚାୟତରେ ପାଣି କମିଥିଲେ ବି ଲୋକେ ଦୁର୍ଦ୍ଦିନରେ ଅଛନ୍ତି। ବାଲିଆପାଳ ବ୍ଲକର ୬ଟି ପଞ୍ଚାୟତର ୨୦ଟି ଗାଁ ପାଣିଘେରରେ ଅଛି। ଅନେକ ରାସ୍ତାରେ ଦୁଇ ଫୁଟର ପାଣି ପ୍ରବାହିତ ହେଉଛି। ବସ୍ତାରେ ସ୍ଥିତି ସ୍ୱାଭାବିକ ହେଉଛି। ରିଲିଫ ଦିଆଯାଉନଥିବା ଅଭିଯୋଗ ଆଣିଛନ୍ତି ବନ୍ୟା ପ୍ରଭାବିତ। ଆଗକୁ ଆଉ ଏକ ଲଘୁଚାପ ଆସୁଥିବାରୁ ଅଧିକ ବର୍ଷା ହେଲେ ବନ୍ୟା ପ୍ରଭାବିତଙ୍କ ଦୁଃଖ ବଢ଼ିବ।

## ୨୧ରୁ ସଂସଦର ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ, ୨।୭ (ମହାଭାରତ):** ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବୁଧବାର ଏହି ଘୋଷଣା କରିଛନ୍ତି। ପୂର୍ବରୁ ମୌସୁମୀ ଅଧିବେଶନର ତାରିଖ ଜୁଲାଇ ୨୧ରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ସାଧାରଣତଃ ସଂସଦର ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ (ଅଗଷ୍ଟ ୧୫) ପୂର୍ବରୁ ଶେଷ ହୋଇଥାଏ କିନ୍ତୁ ଏଥର ପ୍ରଥମ ଥର ପାଇଁ ଅଧିବେଶନ ଅଗଷ୍ଟ ୧୫ ପରେ ମଧ୍ୟ ଚାଲିବ। କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଏକ୍ସ ପୋଷ୍ଟରେ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମୌସୁମୀ ଅଧିବେଶନର ନୂତନ ତାରିଖକୁ ଅନୁମୋଦନ କରିଛନ୍ତି ଏବେ ସଂସଦର ମୌସୁମୀ ଅଧିବେଶନ ୨୧ ଜୁଲାଇରୁ ଆରମ୍ଭ ହେବ ଏବଂ ୨୦୨୫ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ ପ୍ରଥମ ଦିନ ଉଭୟ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟକାଳ ସକାଳ ୧୧ ଟାରେ ଆରମ୍ଭ ହେବ ତେବେସ୍ୱାଧୀନତା ଦିବସ ସମାରୋହ ପାଇଁ ଅଗଷ୍ଟ ୧୩-୧୪ରେ କୌଣସି ସଂସଦୀୟ କାର୍ଯ୍ୟ ହେବ ନାହିଁ।

ଏହି ଅଧିବେଶନକୁ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଉଛି, କାରଣ ବିରୋଧୀ ଦଳ ନିକଟରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଦାବି କରିଥିଲେ। ଜୁନ୍ ୩ରେ ବିରୋଧୀ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରେ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ୍, ଅପରେସନ୍ ସିନ୍ଦୂର ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଏହି ଅପରେସନ୍ ମାଧ୍ୟମରେ ଭାରତୀୟ ସେନା ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିଥିଲେ।



ସରକାର ଏବେ ସ୍ପଷ୍ଟ କରିଛନ୍ତି ଯେ ଏହି ସମସ୍ତ ପ୍ରସଙ୍ଗ ଉପରେ ମୌସୁମୀ ଅଧିବେଶନରେ ହିଁ ଆଲୋଚନା କରାଯାଇପାରିବ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାର ଆବଶ୍ୟକତା ନାହିଁ ଏହି ପଦକ୍ଷେପ ସରକାରଙ୍କ ସେହି ରଣନୀତିକୁ ସୂଚିତ କରୁଛନି, ଯାହା ଅନୁଯାୟୀ ନିର୍ଦ୍ଧାରିତ ଅଧିବେଶନରେ ହିଁ ସମସ୍ତ ବିଧି ଏବଂ ରାଜନୈତିକ ଆଲୋଚନାକୁ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି।

# ଓଏଏସ୍ ଜିଦ୍‌ରେ ଅଟଳ, ଜଗନ୍ନାଥଙ୍କୁ ନେଇ ଦ୍ୱନ୍ଦ୍ୱ ଜାରି

**ଭୁବନେଶ୍ୱର, ୨।୭ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ବିଏମସି କାର୍ଯ୍ୟାଳୟରେ ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ରାଜ୍ୟ ସରକାର ବିଶ୍ୱବ୍ୟାପୀ ନିନ୍ଦିତ ହୋଇଛନ୍ତି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଓ ଓଆରଏସ୍ ସଂଘ ଛୁଟିରେ ପଳାଇ ଯାଇଛନ୍ତି। ଫଳରେ ସରକାରୀ ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସାଧାରଣ ଲୋକମାନେ ବିଭିନ୍ନ କାର୍ଯ୍ୟ ନେଇ କାର୍ଯ୍ୟାଳୟକୁ ଆସି ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳରେ ରାଜ୍ୟ ସରକାର ଅଡୁଆ ପରିସ୍ଥିତିରେ ପଡ଼ିଛନ୍ତି। ଏହି ପରିସ୍ଥିତିର ମୁକାବିଲା ପାଇଁ ବିଜେପି ଦଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଘନ ଘନ ବୈଠକ ବସୁଛି। ଆଜି ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ରାଜ୍ୟ କାର୍ଯ୍ୟାଳୟକୁ ଡାକି ଦୁଇ ଘଣ୍ଟାର ଆଲୋଚନା ପରେ ମଧ୍ୟ କୌଣସି ପ୍ରକାର ନିଷ୍କର୍ଷ ବାହାରି ପାରିଲାନାହିଁ। ବିଜେପି ରାଜ୍ୟ ସଭାପତି ରାଜ୍ୟ ସରକାର ଏ ନେଇ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଫଳରେ ପ୍ରଶାସନିକ ଅଧିକାରୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଆହୁରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି।





ସରକାରଙ୍କ ସହ ଆଲୋଚନା ପରେ ଓଏଏସ୍ ସଂଘ କେବଳ ଜରୁରୀ ସେବା ବନ୍ୟା ଓ ରଥଯାତ୍ରାରେ ସାମିଲ ହେବାକୁ ରାଜି ହୋଇଛି। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଆଜି ଦିନତମାମ ରାଜନୈତିକ ସରଗରମ ହୋଇଥିଲା। ସଂଧ୍ୟାରେ ଜଗନ୍ନାଥ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସବୁଆଡ଼େ ଚହଳ ପଡ଼ିଥିଲା। ଏପରିକି ଖାରବେଳ ନଗର ଥାନାରେ ପୋଲିସ ମୁତୟନ ହୋଇଥିଲା। ତେବେ ଦୁଇ ଘଣ୍ଟାର ଆଲୋଚନା ପରେ ସେ କାର୍ଯ୍ୟାଳୟରୁ ବାହାରି ଘରକୁ ପଳାଇଯାଇଥିଲେ। ପରେ ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମରେ ଦଳୀୟ କାର୍ଯ୍ୟାନୁଷ୍ଠାନ ନେଇ କୌଣସି ମନ୍ତବ୍ୟ ଦେଇନଥିଲେ। ବିଏମ୍‌ସି କାର୍ଯ୍ୟାଳୟରେ ଆକ୍ରମଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ରାଜ୍ୟ ସରକାର ସେବିଷୟରେ ଚନ୍ତା କରୁଛନ୍ତି ବୋଲି କହିଥିଲେ।

ଆଜି ଦିନ ତମାମ ଏକ ପ୍ରକାର ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସମୂହ ଛୁଟିରେ ଯାଇଥିବା ଓଏଏସ ସଙ୍ଘ ସହ ଓଡିଶା ରେଭିନ୍ୟୁ ସର୍ଭିସର ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ। ପରିସ୍ଥିତିକୁ ଦେଖି ଓ ଦଳୀୟ ଚାପରେ ସନ୍ଧ୍ୟା ବେଳକୁ ଜଗନ୍ନାଥ ପ୍ରଧାନଙ୍କ ସ୍ୱର ନରମି ଯାଇଥିଲା। ସେ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପାର୍ଟି କାର୍ଯ୍ୟାଳୟକୁ ଯାଇଥିଲେ। ସେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ସେ ଶୃଙ୍ଖଳା କମିଟି ଆଗରେ ନିଜର ମତ ରଖିଥିଲେ। ଶ୍ରୀ ପ୍ରଧାନ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଲା ପରେ କିଛି ବଡ଼ଧରଣର ଘଟଣା ଘଟିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତାଙ୍କର ସମର୍ଥକମାନେ ମଧ୍ୟ ବିଜେପି କାର୍ଯ୍ୟାଳୟ ସାମ୍ନାରେ ଭିଡ଼ ଲଗାଇଥିଲେ। ବିଜେପି କାର୍ଯ୍ୟାଳୟ ସାମ୍ନାରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ସେହିପରି ଖାରବେଳ ନଗର ଥାନାରେ ମଧ୍ୟ ପୁଲିସ ମୁତୟନ କରାଯାଇଥିଲା।

## ତେଲେଙ୍ଗାନାରେ ୪ ଓଡ଼ିଆଙ୍କ ମୃତ୍ୟୁ : ଘଟଣାସ୍ଥଳକୁ ଗଲେ ଦୁଇ ଅଧିକାରୀ

**ଭୁବନେଶ୍ୱର, ୨।୭ (ମହାଭାରତ):** ଗତ କାଲି ତେଲେଙ୍ଗାନା ରାଜ୍ୟର ସଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଏଯାବତ୍ ଓଡ଼ିଶାର ୪ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାବେଳେ ୫ଜଣ ବ୍ୟକ୍ତି ନିଖୋଜ ରହିଥିବାର ସୂଚନା ମିଳିଛି। ଏଥିସହ ୪ଜଣ ଓଡ଼ିଆ। ବ୍ୟକ୍ତି ଆହତ ହୋଇ ନିକଟତମ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।ଏହି ସମସ୍ତ ଓଡ଼ିଆ। ବ୍ୟକ୍ତି ସିଗାଚୀ ଫାର୍ମା କମ୍ପାନୀର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଓଡ଼ିଆ। ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ୨ଜଣ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ୨ଜଣ ଅଧିକାରୀ ଡ଼. ଚନ୍ଦ୍ର ଶେଖର ହୋତା ଏବଂ ଶ୍ରୀ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଂଚି ନିଖୋଜ ରହିଥିବା ଓଡ଼ିଆ। ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଛନ୍ତି। ଏଥିସହିତ ଅଧିକାରୀମାନେ ଆହତ ହୋଇଥିବା ଓଡ଼ିଆ। ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଓଡ଼ିଆ। ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଜରୁରୀ ସେବାରେ ଯୋଗଦେବେ ଓଆରଏସ୍ ଅଧିକାରୀ

**ଭୁବନେଶ୍ୱର, ୨।୭ (ମହାଭାରତ) :** ବିଏମସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇ ଥିବା ଓଏଏସ୍ ସଂଘ ଆନ୍ଦୋଳନକୁ ଜାରି ରଖିଥିବା ବେଳେ ଓଆରଏସ୍ ସଂଘ ଏଥିରୁ ସାମୟିକ ଭାବେ ଓହରିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁରୋଧ ରକ୍ଷାକରି ଓଆରଏସ୍ କର୍ମଚାରୀମାନେ ଜରୁରୀକାମରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ ଅନୁସାରେ ରଥଯାତ୍ରା ଓ ବନ୍ୟା ଡ୍ୟୁଟି କରିବାକୁ ରାଜି ହୋଇଛନ୍ତି। କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦାବି ପୂରଣ ନ ହେବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଆରଏସ୍ ସଂଘ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ବୈଠକରେ ଆଲୋଚନା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବେଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ୍ୟ ଉପସ୍ଥିତ ଥିଲେ। ସମୂହ ଛୁଟିରେ ଥିବା ଓଆରଏସ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବୁଝାଇଥିଲେ।

# ଦଳାଚକଟା ତଦନ୍ତରେ ସହାୟତା କରିବେ ୪ ଓଏଏସ୍

**ଭୁବନେଶ୍ୱର, ୨।୭ (ମହାଭାରତ):** ପୁରୀର ଶରଧାବାଲିରେ ଗତ ରବିବାର ଦିନ ଭୋରରୁ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଉନ୍ନୟନ କମିସନରଙ୍କ ନେତୃତ୍ୱରେ ତଦନ୍ତ ପାଇଁ ଗଠନ କରାଯାଇଥିବା ଏହି କମିଟିରେ ୪ ଜଣ ଓଏଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଜି ନିର୍ଦ୍ଦେଶନାମା ଜାରି ହୋଇଛି।

ନିର୍ଦ୍ଦେଶନାମରେ କୁହାଯାଇଛି, ରାଜ୍ୟ ସରକାର ମାନସ ରଂଜନ ସାମଲ, ବିନୟ କୁମାର ଦାଶ, ରଶ୍ମୀ ରଂଜନ ନାୟକ ଓ ପ୍ରଦୀପ କୁମାର ସାହୁଙ୍କୁ ତଦନ୍ତକାରୀ ଟିମ୍ରେ ସାମିଲ କରିଛନ୍ତି। ଏହି ୪ଜଣ ଜଣ ଓଏଏସ୍ ଅଧିକାରୀ ପ୍ରତିଦିନ ଉନ୍ନୟନ କମିସନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅପରାହ୍ନ ୩ଟାରୁ ୫ଟା ଯାଏଁ ତଦନ୍ତ ପାଇଁ ସମୟ ଦେବେ।ଶରଧାବାଲି ଦଳାଚକଟା ପରେ ଏହି ଖବର ପୂରା ଦେଶରେ ଚର୍ଚ୍ଚା ହୋଇଥିଲା। ଜାତୀୟ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ।



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ପୁଣି ଆଜିର ଅଘଟଣ ଦର୍ଶାଉଛି। ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି, ଏହି ଭୟାବହ ଅଘଟଣ ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା; ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଉଛି। ତିନି ଜଣ ଶ୍ରଦ୍ଧାଳୁ ମୃତ୍ୟୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁହଁ ଖୋଲିଥିଲେ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ଏହି ଘଟଣା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। କଂଗ୍ରେସ ସାଂସଦ ରାହୁଲ କହିଥିଲେ, ପୁରୀରେ ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଶୋକସନ୍ତପ୍ତ ପରିବାରକୁ ମୁଁ ସମବେଦନା ଜଣାଉଛି ଏବଂ ଆହତ ଶ୍ରଦ୍ଧାଳୁମାନେ ଶୀଘ୍ର ଆରୋଗ୍ୟ କାମନା କରନ୍ତୁ ବୋଲି ଆଶା ରଖିଛି। ଓଡ଼ିଶା ସରକାରଙ୍କ ଠାରେ ଅପିଲ କରିବାକୁ ଚାହିଁବି, ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ ଏବଂ କଂଗ୍ରେସ କର୍ମକର୍ତ୍ତାଙ୍କ ଠାରୁ ଆଶା କରୁଛି ଯେ, ସେମାନେ ଯଥା ସମ୍ଭବ ସହଯୋଗ କରନ୍ତୁ।

# ଶିମିଳିପାଳରେ ବୃଦ୍ଧି ହେବ ବ୍ୟାଘ୍ର ବଂଶ

**ଭୁବନେଶ୍ୱର, ୨।୭ (ମହାଭାରତ):** ଦିନ ଥିଲା ମରାଠା ବାଘୁଣୀ ଜିନ୍ନତ ଶିମିଳିପାଳରେ ରହିବାକୁ ନାକ ଟେକୁଥିଲା। ଶିମିଳିପାଳ ପରିବେଶ ସହ ଖାପ ଖୁଆଇ ନପାରି ବାରମ୍ବାର ଅସୁସ୍ଥ ହେଲା। ଏପରିକି ବାଘୁଣୀ ଜିନ୍ନତ ସୀମାପାର କରି ପଶ୍ଚିମବଙ୍ଗ ଚାଲିଯାଇଥିଲା, କିନ୍ତୁ ମାସ କେଇଟା ଭିତରେ ବଦଳିଯାଇଛି ଜିନ୍ନତର ମନ। ବାଘୁଣୀ ଜିନ୍ନତ ବନ୍ଦୀମୁକ୍ତ ହେବା ପରେ ଶିମିଳିପାଳର ରାଜା ଟି-୧୨ ମହାବଳ କଳାବାଘ ସହ ଭେଟଘାଟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସଂସାର ଗଢିବାକୁ ଉଭୟ ମନସ୍ଥିର କରିଥିଲେ।ଏଥିପାଇଁ ଯମୁନାଗଡରୁ ଗୁଡଗୁଡିଆ ଯାଏଁ ନିଜର ଏରିଆ ବନାଇଥିଲେ ଜିନ୍ନତ ଓ ଟି-୧୨। ଉଭୟ ସାଙ୍ଗ ହୋଇ ଜଙ୍ଗଲ ସାରା ବୁଲୁଥିଲେ ମନଭରି ଶିମିଳିପାଳର ପରିବେଶକୁ ଉପଭୋଗ କରୁଥିଲେ। ଏହା ଭିତରେ ଜିନ୍ନତ ଖୁସିଖବର ଦେବାକୁ ଯାଉଛି ଗର୍ଭବତୀ ଥିବା ଜିନ୍ନତ ଆସନ୍ତା ସେପ୍ଟେମ୍ବରରେ ମା ହେବ।

ବାଘୁଣୀ ଜିନ୍ନତ ଗର୍ଭବତୀ ଥିବା ଜଣାପଡିବା ପରେ ସର୍ତକ ହୋଇଛି ବନବିଭାଗ। ଜିନ୍ନତର ପ୍ରତି ଗତିବିଧି ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ରେଡିଓ କଲାର ଜରିଆରେ ଜିନ୍ନତକୁ ଟ୍ରାକ୍ କରାଯାଉଛି। ସେହିଭଳି ଭିଏଚ୍‌ଏଫ୍ ଜରିଆରେ ୧ କିମି ଦୂରରୁ ଜିନ୍ନତକୁ ଜଗି ରହୁଛି ଟିମ୍। ଗର୍ଭଧାରଣ କରିବା ପରେ ବେଶ ଆୟସ ଆରାମରେ ବୁଲୁଛି ଜିନ୍ନତ। ନିୟମିତ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ମହଜୁଦ ରହିଛି। କାରଣ ସୁରକ୍ଷିତ ଭାବେ ଜିନ୍ନତ କିପରି ନୂଆ। ଶାବକକୁ ଜନ୍ମ ଦେବ ତାହା ବନବିଭାଗ ପାଇଁ ବଡ ଚ୍ୟାଲେଞ୍ଜ।



ଜିନ୍ନତ ନୂଆ। ଶାବକକୁ ଜନ୍ମ ଦେଲେ ଶିମିଳିପାଳରେ ବ୍ୟାଘ୍ର ବଂଶ ବୃଦ୍ଧି ହେବ। ନୂଆ। ଶାବକ ଟି-୧୨ କଳାବାଘ ଭଳି ନହୋଇ ଜିନ୍ନତ ଭଳି ହେବ ବୋଲି ବିଶେଷଜ୍ଞଙ୍କ ମତ। ତେଣୁ ସରକାର ଯେଉଁ ଉଦ୍ଦେଶ୍ୟ ରଖି ଜିନ୍ନତକୁ ଓଡ଼ିଶା ଆଣିଥିଲେ ତାହା ସେପ୍ଟେମ୍ବରରେ ସଫଳ ହେବ ବୋଲି ଆଶ କରାଯାଉଛି।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା-ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



**ଖବର**

## ବିବାହର ୩ ବର୍ଷ ପରେ ଅଲଗା ହେବେ ଐଶ୍ୱର୍ଯ୍ୟା-ନୀଲ ? ଚର୍ଚ୍ଚାରେ ଛାଡପତ୍ର ଖବର



ଟିଭି ଇଣ୍ଡଷ୍ଟ୍ରିରେ ଏପରି ଅନେକ ସେଲିବ୍ରିଟି ଅଛନ୍ତି, ଯେଉଁମାନେ ଶୋ'ର ସେଟରେ ଥାଇ ପ୍ରେମରେ ପଡ଼ିଛନ୍ତି ଏବଂ ପରେ ବିବାହ କରିଛନ୍ତି । ବର୍ତ୍ତମାନ ସେମାନେ ଖୁସିରେ ଅଛନ୍ତି। କିନ୍ତୁ ଏହି ଲୋକପ୍ରିୟ ଟିଭି ଅଭିନେତ୍ରୀ ତାଙ୍କ ଅନ୍ସ୍କ୍ରିନ୍ ଦିଅରଙ୍କ ପ୍ରେମରେ ପଡ଼ିଥିଲେ ଆଉ ବିବାହ କରିଥିଲେ। ବର୍ତ୍ତମାନ କିନ୍ତୁ ଛାଡପତ୍ରକୁ ନେଇ ଚର୍ଚ୍ଚାରେ ଅଛନ୍ତି।ଏହି ଅଭିନେତ୍ରୀ ଜଣକ ଆଉ କେହି ନୁହଁନ୍ତି। ସେ ହେଲେ 'ଗୁମ୍ ହୈ କିସି କେ ପ୍ୟାର୍ ମେଁ' ଫେମ୍ ଐଶ୍ୱର୍ଯ୍ୟା ଶର୍ମା, ଯିଏ ତାଙ୍କ ଅନ୍ସ୍କ୍ରିନ୍ ଦିଅର୍ ନୀଲ୍ ଭଟ୍ଟଙ୍କ ପ୍ରେମରେ ପଡ଼ି ଯାଇଥିଲେ । ଯେତେବେଳେ ଏହି ଅଭିନେତ୍ରୀ ବାସ୍ତବ ଜୀବନରେ ନୀଲ୍ ଭଟ୍ଟଙ୍କୁ ବିବାହ କରିଥିଲେ । ଲୋକମାନେ ରାଗି ଯାଇଥିଲେ । ସେତେବେଳେ ଐଶ୍ୱର୍ଯ୍ୟା ଏବଂ ନୀଲଙ୍କୁ ବହୁତ ଟ୍ରୋଲ୍ କରାଯାଇଥିଲା ।ଐଶ୍ୱର୍ଯ୍ୟା ସେଟ୍ରେ ନୀଲ ଭଟ୍ଟଙ୍କୁ ଭେଟିଥିଲେ, ଦୁହେଁ ସେଟ୍ରେ ଏକାଠି ସମୟ ବିତାଉଥିଲେ। ଧୀରେ ଧୀରେ ସେମାନେ ବନ୍ଧୁ ହେଲେ କିନ୍ତୁ, ଦୁହେଁ ଜାଣି ନଥିଲେ ଯେ ସେମାନେ କେତେବେଳେ ପ୍ରେମରେ ପଡିଗଲେ। ଐଶ୍ୱର୍ଯ୍ୟାଙ୍କ ପ୍ରେମ କାହାଣୀ ବିଷୟରେ କେହି ଜାଣି ନ ଥିଲେ। ୨୦୨୧ ମସିହାରେ, ଅଭିନେତ୍ରୀ ନୀଲ ଭଟ୍ଟଙ୍କ ସହ ନିର୍ବନ୍ଧ ହୋଇଥିଲା। ପରେ ବିବାହ କରିଥିଲେ।ଐଶ୍ୱର୍ଯ୍ୟା ଶର୍ମାଙ୍କୁ ସଲମାନ ଖାନଙ୍କ ଶୋ' ବିଗ୍ ବସ୍ରେ ନୀଲ ଭଟ୍ଟଙ୍କ ସହିତ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଶୋ'ରେ ଉଭୟ ବହୁତ ଝଗଡ଼ା କରିଥିଲେ। ତାଙ୍କ ଫ୍ୟାନ୍ସ ଏହାକୁ ନେଇ ଖୁବ୍ ଚିନ୍ତାରେ ଥିଲେ କି ଉଭୟଙ୍କର ଛାଡପତ୍ର ନ ହେଉ। ହେଲେ ଏବେ କିଛି ଦିନ ଧରି ସେମାନଙ୍କ ଛାଡପତ୍ରର ଖବର ଆସୁଛି। ଏ ସମ୍ପର୍କରେ ଅଭିନେତ୍ରୀ କହିଛନ୍ତି ଯେ ସୁଟିଂ ଯୋଗୁଁ ଉଭୟଙ୍କୁ ଅଲଗା ରହିବାକୁ ପଡୁଛି। ଏହା କେତେ ଦୂର ସତ ତାହା ଆଗକୁ ଜଣାପଡିବ ।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି ? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି ! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନଙ୍କୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।



ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନଙ୍କୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନ୍ଦନ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର ! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ ।

## ଧନ ଓ ସୌଭାଗ୍ୟର ଦେବୀ

ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ। । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି। ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ। ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ।



ସମସ୍ତଙ୍କ ଘରେ ପୂଜା ଘର ଅଛି। ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ। କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି। ଯେପରି କି ଶନିଦେବ। ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି। ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ। କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି। କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ। ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି। ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ। ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି। ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି। ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ। କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ। ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ। ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ। ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ। ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ। କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ। ବାସ୍ତୁରେ ଏହାକୁ ଦେଖଯାଇଥାଏ। ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ । ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ । ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ଜୀବନକୁ ସହଜ ପାଇଁ ଆଧାର ଏକ ପ୍ରକୃଷ୍ଟ ମାଧ୍ୟମ

**ଭୁବନେଶ୍ୱର,୨।୭ (ମହାଭାରତ):** ବିଗତ ଏକଦଶନ୍ଧି ମଧ୍ୟରେ ଆଧାର ଭାରତୀୟମାନଙ୍କ ଜୀବନକୁ ସହଜ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଉଦାହରଣ ସ୍ୱରୂପ ଆଧାର ପ୍ଲାଟଫର୍ମ ବ୍ୟବହାର କରି ଓଡ଼ିଶା ସରକାର ଖୁବ୍ ଅଳ୍ପ ଦିନ ମଧ୍ୟରେ 'ସୁଭଦ୍ରା' ଭଳି ଯୁଗାନ୍ତକାରୀ ଯୋଜନାର ସଫଳ ରୂପାୟନ କରିପାରିଛନ୍ତି। ଆଧାର ଇକୋ ସିଷ୍ଟମ୍ ର ବ୍ୟାପକ ବ୍ୟବହାର କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏକ ସମ୍ମିଳିତ ପ୍ରୟାସ କ୍ରମେ ରାଜ୍ୟରେ ଥିବା ସମସ୍ତ ସମ୍ଭାବନାକୁ ବାସ୍ତବତାରେ ରୂପାନ୍ତରିତ କରିପାରିଲେ ଓଡ଼ିଶାବାସୀଙ୍କ ଜୀବନ ଜୀବିକାକୁ ଅଧିକ ସହଜ ଓ ସାବଲୀଳ କରାଯାଇ ପାରିବ ବୋଲି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଶାବ୍ୟକ୍ତ କରିଛନ୍ତି।



ୟୁଆଇଡିଏଆଇର ଆଂଚଳିକ କାର୍ଯ୍ୟାଳୟ, ହାଇଦ୍ରାବାଦ ଏବଂ ଓଡ଼ିଶା ସରକାରଙ୍କ ବୈଦ୍ୟୁତିକ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମିଳିତ ଆନୁକୂଲ୍ୟରେ ଆଧାରର ସର୍ବାଧିକ ଉପଯୋଗିତା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା କୃଷି ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି।

ଆଧାର କାର୍ଡ ଏବେ ଦେଶର ସର୍ବାଧିକ ବ୍ୟବହୃତ ଓ ବିଶ୍ୱାସଯୋଗ୍ୟ ପରିଚୟ ପତ୍ର। ଆଧାର ଅନୁବନ୍ଧନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ଓକାକ୍ ର ନିରନ୍ତର ପ୍ରୟାସ ଫଳରେ ଏହା ସମ୍ଭବପର ହୋଇପାରିଛି । ରାଜ୍ୟର ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କର ଆଧାର ଅନୁବନ୍ଧନରେ ଆହୁରି ଅଧିକ କ୍ରିୟାଶୀଳତାର ଆବଶ୍ୟକତା ରହିଛି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ବୈଦ୍ୟୁତିକ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ପ୍ରକାଶ କରିଛନ୍ତି। ସାଧାରଣରେ ବିଶ୍ୱାସ ରହିଛି ଯେ ଆଧାର ଅନେକ ତଥ୍ୟକୁ ଏକତ୍ରିତ କରୁଛି । କିନ୍ତୁ ବାସ୍ତବରେ ଆଧାର ମାତ୍ର ୭ଟି ଅତି ଆବଶ୍ୟକୀୟ ତଥ୍ୟକୁ ଏକତ୍ରିତ କରି ଭାରତୀୟମାନଙ୍କର ଜୀବନକୁ ଅତି ସହଜ କରିପାରିଛି। ସଂପ୍ରତି ଦେଶର ପ୍ରାୟ ୯୫ ପ୍ରତିଶତ ଲୋକଙ୍କ ପାଖରେ ଆଧାର କାର୍ଡ ରହିଛି । ଦେଶରେ ପ୍ରତିଦିନ ପ୍ରାୟ ୯.୩୮ କୋଟି ପ୍ରାମାଣୀକରଣ ଆଧାର ମାଧ୍ୟମରେ ସହଜରେ ହୋଇ ପାରୁଛି । ତା'ସହ ଆଧାର ପ୍ଲାଟଫର୍ମ ବ୍ୟବହାର କରାଯାଇ ଦେଶରେ ୨୪ ଶହରୁ ଉର୍ଦ୍ଧ୍ୱ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଲୋକମାନଙ୍କ ପାଖରେ ପହଂଚି ପାରୁଛି। ବ୍ୟାଙ୍କିଙ୍ଗ୍, ବୀମା, ଟେଲିକମ୍ ଭଳି କ୍ଷେତ୍ରର ପ୍ରାୟ ୫୫୦ଟି ସଂସ୍ଥାକୁ ଆଧାର ଇକୋ ସିଷ୍ଟମ୍ ବ୍ୟବହାର କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

# ଓପିଜିସି - ଓଏଚପିସି ପ୍ରକଳ୍ପ ତ୍ୱରାନ୍ୱିତ କର



**ଭୁବନେଶ୍ୱର,୨।୭ (ମହାଭାରତ):** ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ଓ ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚପିସି)ର ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ୀକରଣରେ ଏହି ପ୍ରକଳ୍ପ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛନ୍ତି। ପ୍ରକଳ୍ପ ଗୁଡ଼ିକର ବିଳମ୍ବ କାରଣ ଗୁଡିକୁ ନିଜେ ପ୍ରତ୍ୟକ୍ଷ ରୂପେ ଅନୁଧ୍ୟାନ କରି ଏହାର ସମାଧାନ ନିମନ୍ତେ କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ।

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ନୂତନ ପ୍ରକଳ୍ପ ମଧ୍ୟରେ ଦୁଇଗୋଟି ୬୬୦ ମେଗାୱାଟ ବିଶିଷ୍ଟ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ରହିଛି, ୫୦ ମେଗାୱାଟ ବିଶିଷ୍ଟ ସୌର ପ୍ରକଳ୍ପ ରହିଛି, ଫ୍ଲୁ ଗ୍ୟାସ୍ ଡି-ସଲ୍ଫରାଇଜେସନ କାର୍ଯ୍ୟ ରହିଛି। ଏତଦ ବ୍ୟତୀତ, ଉଡ଼ା ପାଉଁଶର ପରିଚାଳନା, ଅବ୍ୟବହୃତ ଖାଲି ଖଣି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସେହିଭଳି, ଓଡିଶା ଜଳବିଦ୍ୟୁତ ନିଗମ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ୬୦୦ ମେଗାୱାଟ ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬୦୦ ମେଗାୱାଟ ବିଶିଷ୍ଟ ଅପର କୋଲାବ ପମ୍ପଡ଼ ଷ୍ଟୋରେଜ ପ୍ରକଳ୍ପ, ମାଲକାନଗିରିର ୫୦୦ ମେଗାୱାଟ ବିଶିଷ୍ଟ ବାଲିମେଳାରେ ପମ୍ପଡ଼ ଷ୍ଟୋରେଜ ପ୍ରକଳ୍ପ, କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ ବିଶିଷ୍ଟ ଖଡଗ ଜଳବିଦ୍ୟୁତ ପ୍ରକଳ୍ପ ଇତ୍ୟାଦି ରହିଛି। ଏହିସବୁ ପ୍ରକଳ୍ପ ଗୁଡିକର ପର୍ଯ୍ୟାୟକ୍ରମେ ସମୀକ୍ଷା କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେ। ପ୍ରକଳ୍ପ କାର୍ଯ୍ୟ ନିକଟରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିୟୋଜିତ କରି ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ।

ବୈଠକରେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ, ଓଡିଶା ଜଳବିଦ୍ୟୁତ ନିଗମ ନିର୍ଦ୍ଦେଶକ ଆଶିଷ କୁମାର ମହାନ୍ତି, ପ୍ରଣବ କୁମାର ମହାନ୍ତି, ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନିବେଦିତା ମିଶ୍ର, ଶ୍ରୀମତୀ ଲିପ୍ସା ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରେମିକାଙ୍କୁ ଛୁରୀ ଭୂଷି ହତ୍ୟା

**ଭୁବନେଶ୍ୱର,୨।୭ (ମହାଭାରତ):** ଗଞ୍ଜାମ ଜିଲାରେ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ଜାତୀୟସ୍ତରରେ ନିନ୍ଦା କରାଯାଉଛି। ନାବାଳିକା ବଳାତ୍କାର ଘଟଣା ଦିନକୁ ଦିନ ବଢୁଛି। ସେହି ଅନୁପାତରେ ଗତ ୪ ଦିନ ମଧ୍ୟରେ ୫ଗୋଟି ମୁଣ୍ଡ ଗଡ଼ି ସାରିଲାଣି। ଶନିବାର ଦିଗପହଣ୍ଡି, ରବିବାର ଛତ୍ରପୁର, ସୋମବାର ବେଗୁନିଆପଡା ଓ ମଙ୍ଗଳବାର ସକାଳେ ଛତ୍ରପୁର ଓ ସନ୍ଧ୍ୟାରେ ବ୍ରହ୍ମପୁରରେ ହତ୍ୟାକାଣ୍ଡ ଘଟିଛି। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଛି। ହତ୍ୟାକାରୀଜଣଙ୍କ ତାଙ୍କ ପ୍ରେମିକ ବୋଲି ଜଣାପଡ଼ିଛି। ସେ ପ୍ରେମିକାଙ୍କୁ ହତ୍ୟା କରିବା ପରେ ଗୋଶାଣିନୁଆଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ଖବର ପାଇ ଘଟଣା ସ୍ଥଳରେ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ପହଞ୍ଚି ଘଟଣା ତଦନ୍ତ କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ପୋଲିସ ତାଙ୍କୁ ପଚରାଉଚରା କରୁଛି। ପ୍ରେମୀ ଯୁଗଳ ବ୍ରହ୍ମପୁର ବାହାରୁ ଆସିଥିଲେୟ ମଙ୍ଗଳବାର ସକାଳେ ସେମାନେ ଉକ୍ତ ହୋଟେଲରେ ରହିଥିଲେ। ପ୍ରେମିକାଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଥିବା ଜାଣିବା ପରେ ପ୍ରେମିକ ଜଣଙ୍କ ଯୋଜନାବଦ୍ଧ ଭାବେ ତାଙ୍କ ପ୍ରେମିକାଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

# କୃଷିରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱିତୀୟ ସବୁଜ ବିପ୍ଳବ କରାଇବ

**ଭୁବନେଶ୍ୱର,୨।୭ (ମହାଭାରତ):** ଭାରତୀୟ କୃଷିରେ ଦ୍ୱିତୀୟ ସବୁଜ ବିପ୍ଳବ ହେବାକୁ ହେଲେ ପ୍ରଯୁକ୍ତି ବିଦ୍ୟାର ଅଭିନବତ୍ୱ ତଥା ସାମଗ୍ରିକ ବିକାଶ ହିଁ ଏହାର କର୍ଣ୍ଣଧାର ହେବ ବୋଲି ଜଣେ ପ୍ରମୁଖ କୃଷି ବିଶେଷଜ୍ଞ କହିଛନ୍ତି।



ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ସୋମବାର ଆୟୋଜିତ ହୋଇଥିବା ସାପ୍ତାହିକ ବକ୍ତୃତା ମାଳାରେ ଯୋଗ ଦେଇ ଡେରାଡୁନ ସ୍ଥିତ ଗୋବିନ୍ଦ ବଲ୍ଲଭ ପନ୍ତ କୃଷି ବିଶ୍ୱବିଦ୍ୟାଳୟର ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ତଥା ଅନନ୍ୟ ଗବେଷକ ପ୍ରଫେସର ସୁଧୀର କୁମାର ଗୁରୁ ଏହି ମତ ବ୍ୟକ୍ତ କରିଛନ୍ତି। ପ୍ରଫେସର ଗୁରୁ ଅଧୁନା ଜି. ବି. ପନ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ସ୍ୱତନ୍ତ୍ର ଅଧିକାରୀ (ଓଏସଡି) ଭାବେ କାର୍ଯ୍ୟରତ ଅଛନ୍ତି।

ଏହି ଆଲୋଚନାରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଗବେଷଣା ସଂଯୋଜକ ପ୍ରଫେସର ଜଗମୋହନ ଲାଲ ଗୁଲାଟି ଆଲୋଚନା ଆରମ୍ଭ କରିଥିବାବେଳେ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।

ପ୍ରଫେସର ଗୁରୁଙ୍କ ବକ୍ତବ୍ୟ ପରେ ଆଲୋଚନା ଓ ପର୍ଯ୍ୟାଲୋଚନା ଅବସରରେ ମହାବିଦ୍ୟାଳୟର ସମସ୍ତ ଯୁବ ପ୍ରାଧ୍ୟାପକ ଓ ଗବେଷଣାରତ ଛାତ୍ରଛାତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଜୀବ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ୨୩ ନକଲି ହୋଟେଲ ୱେବସାଇଟ୍ ଚିହ୍ନଟ

**ଭୁବନେଶ୍ୱର,୨।୭ (ମହାଭାରତ):** କ୍ରାଇମ୍ ବ୍ରାଞ୍ଚ, ଓଡିଶାର ସୋସିଆଲ ମିଡିଆ। ଟିମ୍ ନକଲି ୱେବସାଇଟ୍ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଦ୍ୟାବଧି କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ୨୩ଟି ନକଲି ହୋଟେଲ ୱେବସାଇଟ୍ ଚିହ୍ନଟ କରିବା ସହ ସେଗୁଡ଼ିକୁ ବ୍ଲକ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ସେଥିମଧ୍ୟରୁ ୧୫ଟି ୱେବସାଇଟ୍ କୁ ପୂର୍ବରୁ ବ୍ଲକ କରାଯାଇଥିବା ବେଳେ ଅନ୍ୟ ୱେବସାଇଟ୍ ଗୁଡିକୁ ବନ୍ଦ କରାଯିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ମହାପ୍ରଭୁଙ୍କ ପୁରୀ ରଥଯାତ୍ରା ଚସମୟରେ ସାଇବର ଅପରାଧୀମାନେ ବିଭିନ୍ନ ହୋଟେଲଗୁଡ଼ିକର ନକଲି ୱେବସାଇଟ୍ ପ୍ରସ୍ତୁତ କରୁଛନ୍ତି। ସାଧାରଣ ଲୋକଙ୍କୁ ଅନଲାଇନ୍ ବୁକିଂ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରିବା ନାଁରେ ଠକୁଛନ୍ତି। ଫଳରେ ଅସୁବିଧା ସମୟରେ ଏବଂ କମ ଟଙ୍କାରେ ହୋଟେଲ ଖୋଜୁଥିବା ପର୍ଯ୍ୟଟକମାନେ ଏହି ନକଲି ସାଇଟ ଗୁଡ଼ିକର ଶିକାର ହେଉଛନ୍ତି। ଏହି ନକଲି ୱେବସାଇଟ୍ ପେଜଗୁଡିକ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ, ଏହା ଅବିକଳ ଅସଲି ୱେବସାଇଟ୍ ପରି ଦୃଶ୍ୟମାନ ହୋଇଥାଏ। ଯାହାଫଳରେ କି, ସାଧାରଣ ଲୋକଟି ପାଇଁ ଅସଲି ଏବଂ ନକଲି ମଧ୍ୟରେ ପାର୍ଥକ୍ୟ କରିବା ବହୁତ କଷ୍ଟକର ହୋଇପଡ଼େ। ଠକମାନେ ବିଭିନ୍ନ ପ୍ରତିଷ୍ଠିତ ହୋଟେଲର ନକଲି ୱେବ ସାଇଟ୍ ପ୍ରସ୍ତୁତ କରିବା ସହ କମ ଟଙ୍କା, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ଘଟଣା ନଜରକୁ ଆସିଥାଏ। ଏହି ଠକମାନେ ପ୍ରାୟତଃ ଗୁଗୁଲ୍ ସର୍ଚ୍ଚର ଶୀର୍ଷରେ ନକଲି ୱେବସାଇଟ୍ ରଖନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଅତୀତରେ ଘଟିଥିବା ଘଟଣା ଯୋଗୁଁ ଚଳିତ ବର୍ଷ ଓଡ଼ିଶାରେ କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ। ଟିମ୍ ସତର୍କ ରହିଛି। ଗତ ବର୍ଷ, ଏହି ପ୍ରକାରର ଠକେଇରେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ଅନେକ ଲୋକ ବହୁତ ଟଙ୍କା ହରାଇଛନ୍ତି। ଏହି ବର୍ଷ, ଟିମ୍ ୨୨ ଜୁନ୍ ୨୦୨୫ ରୁ ଆଜି ପର୍ଯ୍ୟନ୍ତ ନକଲି ହୋଟେଲ ସାଇଟ୍ ଖୋଜିବା, ସେଗୁଡ଼ିକୁ ରିପୋର୍ଟ କରିବା ଏବଂ ଯଥାଶୀଘ୍ର ସତର୍କତା ପଠାଇବା ପାଇଁ ଦିନରାତି କାମ କରୁଛିୟ ଚଳିତବର୍ଷ ସୁନାବେଶ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ। ଲୋକଙ୍କୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ, ଆମର ଅଫିସିଆଲ୍ ସାଇବର ସୁରକ୍ଷା ପେଜ ମାଧ୍ୟମରେ ଏହି ଠକେଇ ବିଷୟରେ ନିୟମିତ ସତର୍କତା ଏବଂ ସଚେତନତା ବାର୍ତ୍ତା ମଧ୍ୟ ସେୟାର କରାଯାଉଛି।

# ପାଞ୍ଚ ବର୍ଷରେ ୯ ଲକ୍ଷ ହେକ୍ଟର ଜମି ଜଳସେଚିତ ହେବ

**ଭୁବନେଶ୍ୱର,୨।୭ (ମହାଭାରତ):** ଆଗାମୀ ପାଞ୍ଚ ବର୍ଷରେ ସମଗ୍ର ରାଜ୍ୟରେ ଓଡ଼ିଶା ଉଠାଜଳସେଚନ ନିଗମ ଦ୍ୱାରା ୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ନିଗମର ଏକ ବୈଠକରେ ଏହାର ପରିଚାଳନା ନିର୍ଦ୍ଦେଶକା ଶ୍ରୀମତୀ ସୁଧା ଦେବ ସିଂ, ଆଇ. ଏ. ଏସ ଘୋଷଣା କରିଛନ୍ତି। ପ୍ରତି ଜିଲ୍ଲାର ସମସ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମାନଙ୍କର ମାସିକ ବୈଠକରେ ଯୋଗଦେଇ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସବିଶେଷ ସମୀକ୍ଷା କରି ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ସ୍ଥିରୀକୃତ ହୋଇଥିବା ଏହି ପାଞ୍ଚ ବର୍ଷିଆ। ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ଗତିକୁ ତ୍ୱରିତ କରିବା, ନୂତନ ନିଯୁକ୍ତି ପାଇଁ ପଦକ୍ଷେପ ନେବା, ତ୍ୱରିତ ନିଷ୍ପତ୍ତି ନେଇ ସମସ୍ତ ଟେଣ୍ଡର ପ୍ରକ୍ରିୟାକୁ ସମାପନ କରିବା, ବିଭିନ୍ନ ସ୍ତରରେ ଦେଖା ଦେଉଥିବା ସମସ୍ୟା ସବୁର ଯଥା ଶୀଘ୍ର ସମାଧାନ କରିବା, ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ର ବକେୟା ପ୍ରାପ୍ୟ କୁ ତୁରନ୍ତ ପ୍ରଦାନ କରିବା, ହାୟର ପେନସନ ବ୍ୟବସ୍ଥା ପାଇଁ ଆର. ପି. ଏଫ୍ କମିଶନ ସହିତ କଥାବାର୍ତ୍ତା କରି ସମାଧାନ ର ବାଟ ଭଳି ଅନେକ ବିଷୟରେ ଶ୍ରୀମତୀ ସିଂ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେୟ ଏହି ସମୀକ୍ଷା ବୈଠକ ରେ ନିଗମର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇଂ ବିଚିତ୍ର କୁମାର ସାମଲ ଓ ନିଗମର ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାକୁ ନେଇ ରାଜନୀତି କରାନଯାଉ

**ଭୁବନେଶ୍ୱର,୨।୭ (ମହାଭାରତ):** ପୁରୀରେ ଦଳାଚକଟା ନେଇ ସରକାରଙ୍କୁ ସମାଲୋଚନା କରୁଥିବା ବିରୋଧୀଙ୍କୁ କଡା କାଉଂଟର କରିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ସେ କହିଛନ୍ତି ୨୪ ବର୍ଷରେ ବିଜେଡି ସରକାରରେ କେତେ ଥର ଦଳା ଚକଟା ହୋଇଛି ସେ ତଥ୍ୟ ବାହାର କରନ୍ତୁ। ପୂର୍ବ ସରକାରରେ ମନ୍ଦିର ଭିତରେ ବି ଲୋକ ମରିଥିଲେ , ତାକୁ ଭୁଲି ଯାଆନ୍ତୁ ନାହିଁ। ସେମାନଙ୍କ ତଦନ୍ତ ରିପୋର୍ଟ ଆଜି ପର୍ଯ୍ୟନ୍ତ ଆସିନାହିଁ। ଗୋଟିଏ ଅବ୍ୟବସ୍ଥା ଭିତରେ ରାଜନୈତିକ ଫାଇଦା ନେବାକୁ ବିରୋଧୀ ଚାହୁଁଛନ୍ତି । କଂଗ୍ରେସ ଯଦି ଅଧିକ ଲୋକ ମରିଛନ୍ତି ବୋଲି କହୁଛି ମୃତକଙ୍କ ନାଁ ଦିଅନ୍ତୁ । ଯାହା ହୋଇଛି ତଦନ୍ତରୁ ଜଣା ଜଣାପଡିବ। ଗୋଟିଏ ଦୁର୍ଘଟଣାକୁ ନେଇ ରାଜନୀତି କରା ନଯାଉ ବୋଲି କହିଛନ୍ତି ଜୟ ନାରାୟଣ ମିଶ୍ର।

# ସମ୍ପତ୍ତି ଠୁଳ ଅଭିଯୋଗରେ ଯୁଗ୍ମ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର,୨।୭ (ମହାଭାରତ):** ଗିରଫ ହେଲେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗ ଯୁଗ୍ମ ନିର୍ଦ୍ଦେଶକ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ରେଡ୍ ହୋଇଥିଲା। ଯାହାପରେ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଛି। ଚଢ଼ଉ ସମୟରେ ୫୦ କୋଟିରୁ ଅଧିକ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଦୟାନିଧିଙ୍କ ବିରୋଧରେ କିଛି ମାସ ହେବ ଭିଜିଲାନ୍ସ ଅଫିସ୍କୁ ଶହଶହ ପିଟିସନ୍ ଆସୁଥିଲାୟ ଦୟାନିଧି ରାୟଗଡ଼ା ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ବେଳେ ଠକେଇ କରିଥିବା ନେଇ ସର୍ବାଧିକ ପିଟିସନ୍ ଥିଲା। ଭିଜିଲାନ୍ସ ଅଧିକାରୀମାନେ ଆରମ୍ଭ କରିଥିଲେ ତଦନ୍ତ । ଏହି ସମୟରେ ଜଣାପଡ଼ିଥିଲା, ବାବୁ ଜଣଙ୍କ ବେଆଇନ୍ ଭାବେ କଳା ଟଙ୍କା ରୋଜଗାର କରି କୋଟିକୋଟି ଟଙ୍କା ସମ୍ପତ୍ତି କରିଛନ୍ତି । ତାଙ୍କ ଘରେ ଚଢ଼ଉ ପାଇଁ ଭିଜିଲାନ୍ସ ଅଧିକାରୀମାନେ ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଅନୁମତି ପରେ ସୋମବାର ଦିନ ଚଢ଼ଉ ହୋଇଥିଲା। ସ୍ଥାବର ଅସ୍ଥାବର ସମ୍ପତ୍ତି ମଧ୍ୟରେ ରହିଛି, ଭୁବନେଶ୍ୱର ଗୋଠପାଟଣାରେ ଥିବା ମହାନଦୀ ଆପାର୍ଟମେଣ୍ଟ୍ରେ ୩ ବିଏଚ୍‌କେ ଫ୍ଲାଟ୍, ନବରଙ୍ଗପୁର ମାଝିଗୁଡ଼ା ଛକ ନିକଟସ୍ଥ ପାଦଲଗୁଡ଼ାରେ ଏକ ନିର୍ମାଣାଧୀନ କୋଠା, ଚନ୍ଦ୍ରଶେଖରପୁର ଏଲଆଇଜି ୧୦/୧ରେ ଘର, ନବରଙ୍ଗପୁର ସର୍କିଟ୍ ହାଉସ୍ ଆଗରେ ୧୪ ଶହ ବର୍ଗଫୁଟର ଏକ ସପିଂ କମ୍ପ୍ଲେକ୍ସରେ ଥିବା ୫ଟି ଦୋକାନ ଘର, ବିଜ୍ରାଗୁଡ଼ାଠାରେ ୪୦ ଏକରର ଫାର୍ମହାଉସ୍। ଏସବୁ ତାଙ୍କ ନାଁରେ ରହିଛି। ଫାର୍ମ ହାଉସ୍ରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଡ୍ରିପ୍ ଇରିଗେସନ୍ ଜରିଆରେ ବିଭିନ୍ନ ପନିପରିବା ଚାଷ ଚାଲିଛି। ସେଭଳି ନବରଙ୍ଗପୁର ବ୍ଲକ ଫୋଟାକୋଟ ଗାଁରେ ୬ ଏକର ଜମିରେ ମଧ୍ୟ ଫାର୍ମ ହାଉସ୍ ରହିଛି। ସେଠାରେ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ନବରଙ୍ଗପୁରର ଅନ୍ୟ ସ୍ଥାନରେ ୨୭ ଏକର ଜମି ରହିଛି । ଭବାନୀପାଟଣା ଟାଉନ ପାଖରେ ୧୧ ଏକର ଜମି ହାତେଇଛନ୍ତି ବାବୁ ।

# ରୋଟାରୀ କ୍ଲବ କଟକ ସେଣ୍ଟ୍ରାଲ ପକ୍ଷରୁ ଶାନ୍ତି ସ୍ତମ୍ଭ ପ୍ରତିଷ୍ଠା




**ଭୁବନେଶ୍ୱର,୨।୭ (ମହାଭାରତ):** ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ରୋଟାରୀ କଟକ ସେଣ୍ଟ୍ରାଲ ପକ୍ଷରୁ କନ୍ଦରପୁର କଟକ ସଦର ସ୍ଥିତ କ୍ଲବର ପୋଷ୍ୟ ଗ୍ରାମ ବରଦା ଠାରେ ଏକ ରୋଟାରୀ ଶାନ୍ତି ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। କ୍ଲବର ସଭାପତି ନଳିନୀ ମହାପାତ୍ରଙ୍କ ଉଦ୍ୟମରେ ତଥା ପୂର୍ବତନ ସଭାପତି ଦେବେନ୍ଦ୍ରନାଥ ପାଢ଼ୀଙ୍କ ସର୍ଗତ ପତ୍ନୀ ବନ୍ଦିତା ପାଢ଼ୀଙ୍କ ସ୍ମୃତିରେ ଏହି ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂପାଦକ ସତ୍ୟ ଗୋପାଳ ପରିଜା, ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ମହାପାତ୍ର, ଆଡ଼ଭୋକେଟ ସୁବାଷ ଚନ୍ଦ୍ର ପ୍ରଧାନ, ରୋଟାରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ଶିବାଶିଷ ସୂର, ଏ.ଜି ବିଦ୍ୟୁତ କୁମାରୀ ଲାଲା, ଗ୍ରାମ ମୁଖିଆ ସାଧୁ ଚରଣ ଜେନା, ଭବେଶ ସିହ୍ନା, କାଳି କିଙ୍କର ବୋଷ, ସମୀର କୁମାର ସିହ୍ନା, ପିନାକୀ ରାୟ, ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ୟାଙ୍କର ଉଚ୍ଚ ପଦାଧିକାରୀ

**ଭୁବନେଶ୍ୱର,୨।୭ (ମହାଭାରତ):** ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚଡ଼ିଏଫସି ବ୍ୟାଙ୍କର ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ବିଭିନ୍ନ



ଜନକଲ୍ୟାଣ ଯୋଜନାରେ ଗରିବ ଲୋକମାନଙ୍କୁ ଅଧିକ ଋଣ ଦେବାପାଇଁ ପରାମର୍ଶ ଦେଇଛନ୍ତି। ଓଡିଶାରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଯଥା କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା (ପିଏମ୍‌ଇଜିପି), ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ। ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଯୋଜନାରେ ଏହି ବ୍ୟଙ୍କ ଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜୁନ୍ ୨୧ ତାରିଖରେ ଏହି ବ୍ୟାଙ୍କ ଗୁଡିକୁ ନିଜର ଏମପ୍ୟାନେଲଡ଼ ଲିଷ୍ଟରୁ କାଢିଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ, ଏହି ସବୁ ଯୋଜନା ଗୁଡିକରେ ଏହି ତିନୋଟି ବ୍ୟାଙ୍କର ପ୍ରଦର୍ଶନ ଓଡିଶାରେ ଆଦୌ ସନ୍ତୋଷ ଜନକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କ ଗୁଡିକ ହେଉଛନ୍ତି ଏକ ବଡ ମାଧ୍ୟମୟ ତେଣୁ, ଏହି ସବୁ ବ୍ୟାଙ୍କ ଗୁଡିକ ବିଭିନ୍ନ ଯୋଜନାରେ ଯେଉଁଥିରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି, ସେଥିରେ ଅଧିକ ଲୋକଙ୍କୁ ଋଣ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବ୍ୟାଙ୍କମାନଙ୍କ ପ୍ରତିନିଧି ମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି କହିଥିଲେ ଯେ, ସେମାନେ ଏହି ସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ ଆଗ୍ରହୀ ଅଛନ୍ତି ଏବଂ ଖୁବ୍ ଶୀଘ୍ର ଏହି ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟାଙ୍କ ମାନଙ୍କ ପ୍ରଦର୍ଶନ ବିଷୟରେ ଅବଗତ କରିଥିଲେ। ବୈଠକରେ ଆକ୍ସିସ୍ ବ୍ୟାଙ୍କର ଏକଜୁକ୍ୟୁଟିଭ ଡାଇରେକ୍ଟର ଶ୍ରୀ ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ୍ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ୍ ସୌରଭ ଦତ୍ତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗ୍, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ ଇଷ୍ଟ ସନ୍ଦୀପ କୁମାର, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ ସୁମିତ ମେହେରୋତ୍ରା, ଓଡିଶା ସିଟି ବିଜିନେସ ହେଡ୍ ବିନୋଦ ଏଲ୍ ଏବଂ ରିଜିଓନାଲ ହେଡ୍ ଅମିୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ପୌର ଅକାଉଣ୍ଟାଣ୍ଟମାନଙ୍କ ପାଇଁ ଇଣ୍ଡକ୍ସନ୍ ଟ୍ରେନିଂ

**ଭୁବନେଶ୍ୱର,୨।୭ (ମହାଭାରତ):** ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ତରଫରୁ ଅର୍ବାନ ଲୋକାଲ୍ ବଡି ମାନଙ୍କରେ ନବ ନିଯୁକ୍ତ ଅକାଉଂଟାଂଟମାନଙ୍କ ପାଇଁ ଏକ ୪୦ ଦିନିଆ ଇଣ୍ଡକ୍ସନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ମଧୁସୂଦନ ଦାସ ଆଂଚଳିକ ଆର୍ଥିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରରେ ଆୟୋଜିତ ହେଉଛି।



ଏହି ତାଲିମ କାର୍ଯ୍ୟକ୍ରମକୁ ମୁନିସିପାଲ୍ ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, "ପୌର ଅକାଉଂଟାଂଟମାନେ ସହରାଞ୍ଚଳ ଆର୍ଥିକ ପରିଚାଳନା ଓ ଶାସନର ମୂଳ ଅଂଗ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ଏହି ପ୍ରଶିକ୍ଷଣ ତାଙ୍କୁ ବୃହତ୍ ଜ୍ଞାନ ଓ ଅନୁଭବ ଦେଇ ସାମର୍ଥ୍ୟଶାଳୀ କରିବ।" ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅର୍ଥ ପରାମର୍ଶଦାତା ଶିଖା ବିଶ୍ୱାଳ, କୋର୍ସ ଡାଇରେକ୍ଟର ବିଭୁଦତ ଆଚାର୍ଯ୍ୟ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ୪୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହରାଂଚଳ ଶାସନ, ରାଜସ୍ୱ ବ୍ୟବସ୍ଥାପନ, ଅଡିଟ୍, ପ୍ରକଳ୍ପ ବିତ୍ତ ପରିଚାଳନା, ହିସାବ ଦାଖଲ, ବ୍ୟବହାରିକ ଅଭ୍ୟାସ ଓ କ୍ଷେତ୍ର ଅଭିଜ୍ଞତା ଉପରେ ତାଲିମ ଦିଆଯିବ। ଏହି ଉଦ୍ୟମ ରାଜ୍ୟରେ ଏକ ଦାୟିତ୍ୱପୂର୍ଣ୍ଣ, ପାରଦର୍ଶୀ ଓ ପ୍ରଭାବଶାଳୀ ସହରାଞ୍ଚଳ ପ୍ରଶାସନ ବ୍ୟବସ୍ଥା ତିଆରି କରିବା ଲକ୍ଷ୍ୟକୁ ସାକାର କରିବ ବୋଲି ଆଶା।

# ତୈଳ ଦର ବୃଦ୍ଧି

ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହା ସହିତ ବିଶ୍ୱ ଅର୍ଥନୀତିରେ ପୁନର୍ବାର ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ହରମୁଜ ପ୍ରଣାଳୀ ବନ୍ଦ ହେଲେ ଏହି ରୁଟ ଦେଇ ଆସୁଥିବା ଅଶୋଧିତ ତୈଳ ପରିବହନ ବାଧାପ୍ରାପ୍ତ ହେବ। ଏହା ଏପରି ଏକ ପ୍ରଣାଳୀ ଯେଉଁ ରୁଟ ଦେଇ ବିଶ୍ୱର ଏକତୃତୀୟାଂଶ ତୈଳ ପରିବହନ ହୋଇଥାଏ। ଭାରତ ଦୈନିକ ହାରାହାରି ୫.୫ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିଥାଏ। ହରମୁଜ ପ୍ରଣାଳୀ ବନ୍ଦ ହୋଇଗଲେ ତୈଳ ଆମଦାନୀ ପ୍ରଭାବିତ ହେବ ଏବଂ ଯେଉଁ ତୈଳବାହୀ ଜାହାଜ ବିକଳ୍ପ ରୁଟରେ ଆସିବ ତାହା ବ୍ୟୟ ବହୁଳ ହେବ। ତୈଳ ଆମଦାନୀ ପ୍ରଭାବିତ ହେଲେ ବିଶ୍ୱବଜାରରେ ଏହାର ଦର ୩୦ରୁ ୫୦ ପ୍ରତିଶତ ବଢ଼ିଯିବା ଆଶଙ୍କା ରହିଛି। ଏବେ ବିଶ୍ୱବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୦ ଡଲାର ରହିଛି। ଏହା ବଢ଼ି ବଢ଼ି ୧୩୦ ଡଲାର ଛୁଇଁପାରେ ବୋଲି ଆଶଙ୍କା କରାଯାଉଛି। ଅବଶ୍ୟ ଭାରତ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରି କହିଛନ୍ତି। ସେ କହିଛନ୍ତି ଯେ, ଭାରତ ନିକଟରେ ପର୍ଯ୍ୟାପ୍ତ ଅଶୋଧି ତ ତୈଳ ଗଚ୍ଛିତ ରହିଛି। ଏହା ସହିତ ଭାରତର ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ବିକଳ୍ପ ରୁଟରେ ଅଶୋଧିତ ତୈଳ ଆମଦାନୀ କରୁଛନ୍ତି। ରଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଲାଗିବା ପରେ ଭାରତ ରଷିଆରୁ ଅଧିକ ପରିମାଣରୁ ତୈଳ ଆମଦାନୀ କରୁଛି। ଏହା ହରମୁଜ ପ୍ରଣାଳୀ ଉପରେ ନିର୍ଭର କରୁନାହିଁ। ତେଣୁ ଭାରତରେ ତୈଳ ଦର ବ୧ୃଦ୍ଧିର ସମ୍ଭାବନା କ୍ଷୀଣ ବୋଲି ସେ କହିଛନ୍ତି ଯାହା ଆଶ୍ୱସ୍ତିର ବିଷୟ। କିନ୍ତୁ କେତେଦିନ ଭାରତ ଏହାକୁ ସମ୍ଭାଳିବ ? ଯେତେବେଳେ ବିଶ୍ୱବଜାରରେ ତୈଳ ଦର ବଢ଼ିବ ସେତେବେଳେ ଭାରତର ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବ ଏବଂ ଫୋରେକ୍ସ ରିଜର୍ଭ ଉପରେ ଚାପ ପଡ଼ିବ।। କହିବା ବାହୁଲ୍ୟ ଯେ, ଭାରତ ବ୍ୟବହାର କରୁଥିବା ଅଶୋଧିତ ତୈଳ ମଧ୍ୟରୁ ୮୫ ପ୍ରତିଶତ ବିଦେଶରୁ ଆମଦାନୀ କରାଯାଇଥାଏ। ଗତ ତିନି ବର୍ଷ ହେବ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ସ୍ଥିର ରହିଛି ଯାହା ଏକ ବଡ଼ କଥା। ତୈଳ ଦରରେ ଏହି ସ୍ଥିରତା ଅର୍ଥନୀତି ପାଇଁ ଅନୁକୂଳ ହୋଇଛି। ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ବଢ଼ିଥିଲା ସେତେବେଳେ ଭାରତ ସରକାର ତେଲ ଦର ବଢ଼ାଇନଥିଲେ। ଯେତେବେଳେ ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇଲା ସେତେବେଳେ ମଧ୍ୟ ସରକାର ତୈଳ ଦର କମାଇନଥିଲେ। ଅଶୋଧିତ ତୈଳ ଦର ହ୍ରାସ ବେଳେ ଭାରତ ସରକାର ପେଟ୍ରୋଲ ଓ ଡିଜେଲ ଦର କମାଇନଥିଲେ। ଫଳରେ ଏବେ ଭାରତ ସରକାର ତୈଳ ଦର ବୃଦ୍ଧି ନିୟନ୍ତ୍ରଣ କରିବା ସ୍ଥିତିରେ ଅଛନ୍ତି। ତୈଳ କମ୍ପାନୀ ଗୁଡ଼ିକ କିଛି ଦିନ କ୍ଷତି ସହିବାର ସାମର୍ଥ୍ୟ ରଖିଛନ୍ତି। କିନ୍ତୁ ଅଶୋଧିତ ତୈଳ ଦର ଯଦି ଅଧିକ ଦିନ ୧୦୦ ଡଲାର ଉପରେ ରହେ ତେବେ ସ୍ଥିତି ସମ୍ଭାଳିବା ମୁସ୍କିଲ ହେବ ଏବଂ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ନିଶ୍ଚିତ। ଏହା ମୁଦ୍ରାସ୍ଫୀତି ବୃଦ୍ଧି ସହ ଅଭିବୃଦ୍ଧିରେ ବ୍ରେକ ଲଗାଇପାରେ। ଭାରତ ପାଇଁ ଏହା ଏକ ଚିନ୍ତାର ବିଷୟ। ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସତ୍ତ୍ୱେ ଭାରତ ଗତ ୫ ବର୍ଷ ହେବ ସ୍ଥିତି ସମ୍ଭାଳି ରଖିଛି। ଦେଶର ଅଭିବୃଦ୍ଧି ହାର ୬ ପ୍ରତିଶତରୁ ଅଧିକ ରହିଛି। ଭାରତ ଏବେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଆଗକୁ ଭାରତ ତୃତୀୟ ସ୍ଥାନକୁ ଉଠିବା ଲକ୍ଷ୍ୟ ରଖିଛି। ଯଦି ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହୁଏ ତେବେ ଖାଦ୍ୟ ଯୋଗାଣ ମଧ୍ୟ ପ୍ରଭାବିତ ହେବ ଏବଂ ଖାଇବା ତେଲ, ଗହମ, ଚାଉଳର ଦର ବଢ଼ିପାରେ।

# କୃଷ୍ଣ ହେଲେ କୃଷ୍ଣ ବୁଝି ହେବ

॥ ହେମନ୍ତ କୁମାର ପରିଡ଼ା ॥

*ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ।*

ଭଗବାନ ସଚ୍ଚିଦାନନ୍ଦ ଯେତେବେଳେ ତାଙ୍କର ଲୀଳା କରିବା ପାଇଁ ଇଚ୍ଛା ଉତ୍ପନ୍ନ ହୁଏ ସେତେବେଳେ ସେ ସ୍ୱୟଂ ଜୀବ ରୂପରେ ଶରୀର ଧାରଣ କରିଥାଆନ୍ତି। ଲୀଳା ପାଇଁ ଲୀଳାସଙ୍ଗୀ ମାନଙ୍କର ଆବଶ୍ୟକତା ପଡ଼େ। ତେଣୁ ସେ ସାଥିରେ ଲୀଳା ସଙ୍ଗୀ ମାନଙ୍କୁ ନେଇ ଲୀଳା କରିବା ପାଇଁ ଆସିଥାଆନ୍ତି। ଏହି ଧରଣୀ ବକ୍ଷରେ ସେ ଅନେକବାର ଅବତାର ନେଇଛନ୍ତି। ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ସ୍ୱୟଂ ଅବତାର ନେଇ ପ୍ରେମ ପୁରୁଷ ଶ୍ରୀକୃଷ୍ଣ ରୂପରେ ବିଶେଷ ଲୀଳା ପ୍ରକଟ କରିଥିଲେ। ସେ ଲୀଳା ଯେତିକି ମାର୍ମିକ ସେତିକି ଚିତାକର୍ଷକ। ପରିପୂର୍ଣ୍ଣତାର ପରିଭାଷା ଭଗବାନ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧ। ସେ ସ୍ୱୟଂ ସ୍ୱତନ୍ତ୍ର ପରିପୂର୍ଣ୍ଣ ଅଟନ୍ତି।

ଯେଉଁ ଦିନ ସେ ଆବିର୍ଭାବ ହୋଇଥିଲେ – ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ବର୍ଷା ମୁଖର ଘନ ଅନ୍ଧାର ରାତି। ମଥୁରା ଅଧିପତି ଦୁଷ୍ଟ କଂସ ରାଜାର ବନ୍ଦୀଶାଳାରେ ବସୁଦେବଙ୍କ ପତ୍ନୀ ମାତା ଦେବକୀଙ୍କ ଗର୍ଭରୁ ପରମ ପୁରୁଷ ପରମାତ୍ମା ସାକାର ରୂପରେ ସମ୍ଭୂତ ହୋଇଥିଲେ। ତାହା ସାରା ପୃଥିବୀ ପାଇଁ ପରମ ପବିତ୍ର ମୁହୂର୍ତ୍ତ ଥିଲା । ତାଙ୍କ ଜନ୍ମ ସମୟରେ ଅନେକ ଅଦ୍ଭୁତ ଓ ଅଲୌକିକ ଘଟଣାମାନ ଘଟିଲା। ବନ୍ଦୀ ପିତା ମାତାଙ୍କ ବେଡ଼ି ଖୋଲିଗଲା। ବନ୍ଦୀଗୃହ ଦିବ୍ୟ ଆଲୋକରେ ଉଦଭାସିତ ହୋଇ ଉଠିଲା। ଭଗବାନ ଆବିର୍ଭାବ ହୋଇ କହିଲେ ମୋତେ ନେଇ ଗୋପ ପୁରରେ ନନ୍ଦରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ଛାଡ଼ି ଦେବ ଏବଂ ତାଙ୍କ ସଦ୍ୟଜାତ କନ୍ୟାକୁ ନେଇ ଆସିବ। ତାହାଥିଲା ଅପୂର୍ବ ସଂଯୋଗ। ବିଚିତ୍ର ଭାବରେ ସମସ୍ତ ବ୍ୟବସ୍ଥା ହୋଇଗଲା। ବନ୍ଦୀଶାଳାର ଦ୍ୱାର ଛାଏଁ ଛାଏଁ ଖୋଲିଗଲା। ଦ୍ୱାର ରକ୍ଷକ ଭାବେ ନିଯୁକ୍ତ କଂସଙ୍କ ପିତା ଉଗ୍ରସେନ ବ୍ୟତୀତ ସମସ୍ତ ପ୍ରହରୀ ଥିଲେ ନିଦ୍ରା ଗ୍ରସ୍ତ। ବନ୍ଦୀଶାଳରୁ ପ୍ରଭୁଙ୍କ ଯାତ୍ରା ଆରମ୍ଭ ହେଲା। ଲୋକ ସଂଗ୍ରହର ଯାତ୍ରା, ଲୀଳା ପ୍ରକଟର ଯାତ୍ରା, ପ୍ରେମ ବିତରଣର ଯାତ୍ରା। କଂସ ବନ୍ଦୀଶାଳାରୁ ବାସୁଦେବ କୃଷ୍ଣଙ୍କର ଏହି ଜୀବନ ଯାତ୍ରା ଆରମ୍ଭ।

ଦ୍ୱାର ଦେଶରେ ଭେଟ ହେଲେ ଉଗ୍ରସେନ। ପିତା ବାସୁଦେବ ସଦ୍ୟଜାତ ସନ୍ତାନକୁ ଶିର ଉପରେ ଧାରଣ କରିଛନ୍ତି। ସେହି ଝୁଡ଼ି ଭିତରୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେଲେ। ପଛରେ ବାସୁକି ନାଗ ଛତ୍ରୀ ଭାବରେ ଫଣା ଟେକି ବର୍ଷା ଦାଉରୁ ପ୍ରଭୁଙ୍କୁ ରକ୍ଷା କରୁଛନ୍ତି। ଉଗ୍ରସେନ ପ୍ରଭୁଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଓ ପାଦ ତଳେ ପ୍ରଣାମ କରି ପଥ ଛାଡ଼ିଦେଲେ। ବିଜୁଳି ରାସ୍ତା ଦେଖାଇଲା। ଭରା ଯମୁନାର ଜଳ ଦୁଇ ଭାଗ ହୋଇ ନଦୀପାରି ହେବା ପାଇଁ ରାସ୍ତା ଦେଇଦେଲା। ବସୁଦେବ ପୁତ୍ରକୁ ନେଇ ନନ୍ଦରାଜାଙ୍କ ଘରେ ପହଞ୍ଚିଗଲେ। ଦେଖିଲେ ସମସ୍ତେ ସୁପ୍ତ। ନନ୍ଦ ରାଣୀ ଯଶୋଦ ସଦ୍ୟ କନ୍ୟାଟିଏ ପ୍ରସବ କରି ଅଚେତ। ବସୁଦେବ ଯଶୋଦାଙ୍କ କୋଳରେ ପୁତ୍ରକୁ ଥୋଇ ଦେଇ ତାଙ୍କ କନ୍ୟାକୁ ଧରି ମଥୁରା ଫେରି ଆସିଲେ। ଏକ ଅଦେଖା ଇଙ୍ଗିତରେ ସତେ ଅବା ସବୁକାର୍ଯ୍ୟ ସଠିକ ଭାବେ ସଙ୍ଗଠିତ ହୋଇଗଲା। ସେ କନ୍ୟା ଥିଲେ ସ୍ୱୟଂ ଯୋଗମାୟା। ଯୋଗେଶ୍ୱର କୃଷ୍ଣଙ୍କ ଲୀଳା ସଙ୍ଗୀ ଭାବେ ଯୋଗିନୀ ଯୋଗମାୟା ତାଙ୍କ ନିର୍ଦ୍ଦେଶରେ ଯାଇ ଯଶୋଦାଙ୍କ ଗର୍ଭରେ ଜନ୍ମ ଗ୍ରହଣ କରିଥିଲେ। ଭାଦ୍ରବ କୃଷ୍ଣ ଅଷ୍ଟମୀ ଏକାଧାରାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଯୋଗମାୟାଙ୍କ ଜନ୍ମଦିନ ଅଟେ।

କୃଷ୍ଣଙ୍କୁ ନେଇ ସନାତନ ଶାସ୍ତ୍ର ପୁରାଣ ବହୁ ଭାବେ ରୁଦ୍ଧିମନ୍ତ। କୃଷ୍ଣ କିଏ ? ଶାସ୍ତ୍ରରେ କୁହାଯାଇଛି – 'କର୍ଷତି ଇତି କୃଷ୍ଣ'। ଯାହାଙ୍କ ଆକର୍ଷଣରେ ସାରା ସୃଷ୍ଟି ଆକର୍ଷିତ ସେ ହେଲେ କୃଷ୍ଣ। ବ୍ୟବହାର ଜଗତରେ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅନୁଶୀଳନ ଅଦ୍ଭୁତ ହିଁ ଅଦ୍ଭୁତ ଅଟେ। ସୃଷ୍ଟିକୁ ପ୍ରେମର ପ୍ଲାବନରେ ଅବଗାହିତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରେମ ଶିକ୍ଷାର ଦୀକ୍ଷା ଧାରଣ କରି ତାଙ୍କର ଧରାବତରଣ। ସେ ଏକମାତ୍ର ଦେବତା ଯାହାଙ୍କୁ ଦେଖିଲେ ଶ୍ରଦ୍ଧା ପ୍ରେମରେ ହୃଦୟରୁ ଝରିଆସେ 'ତୁ' 'ତୋର' 'ଆରେ ଧନରେ' ଭଳି ସବୁଠାରୁ ଆପଣାର ଶବ୍ଦ। ସେହିଥି ପାଇଁ ସେ ପ୍ରେମର ଠାକୁର କାହ୍ନା, କାହ୍ନୁ କାଳିଆ ଏହିଭଳି କେତେ କଣ ହୃଦୟ ଭରା ସମ୍ବୋଧନ। ତାଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପ୍ରେମଭୂମି ଭାବରେ ସମସ୍ତଙ୍କର ପ୍ରିୟ। ସେ ପ୍ରେମ ଭୂମିରେ ପାଦ ଦେଲେ ହୃଦୟ ପ୍ରେମପୂର୍ଣ୍ଣ ହୋଇଯାଏ। ସେହି ଭୂମିରେ ଭକ୍ତିମାତାଙ୍କ ସହିତ ଜ୍ଞାନ ବୈରାଗ୍ୟ ପୁତ୍ରରୂପ ହୋଇ ଲୀଳା କରୁଛନ୍ତି। ସେ ଭୂମିରେ ନିବାସ ପାଇଁ ବଡ଼ ବଡ଼ ଦେବତାମାନେ ମଧ୍ୟ ମନ ବଳାଇ ଥାଆନ୍ତି।

ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ। ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ଆମେ କହିଥାଉ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ'। କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ କୃଷ୍ଣଙ୍କ ଜୀବନର ପର୍ଯ୍ୟାଲୋଚନା କଲେ ଜଣାଯାଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଯେତେ ଦୁଃଖ ତାଙ୍କ ଜୀବନ ଦେଇ ବହି ଯାଇଛି ତାହା ପ୍ରତ୍ୟେକ ମଣିଷକୁ ବ୍ୟଥିତ କରିବ। ଲାଗିବ ସତେ ଅବା ଯନ୍ତ୍ରଣାର ଅନ୍ୟନାମ ହେଉଛନ୍ତି କୃଷ୍ଣ। ଜନ୍ମ ହେଲେ ବନ୍ଦୀଶାଳାରେ। ଜନ୍ମ ହେଉ ହେଉ ପିତାମାତାଙ୍କ ଠାରୁ ବିଚ୍ଛେଦ। କେତେ କେତେ ଘାତ ପ୍ରତିଘାତ, ପ୍ରତିମୁହୂର୍ତ୍ତରେ ତାଙ୍କ ଜୀବନ ପ୍ରତି ବିପଦ। ସେ ଯେତେବେଳେ ମାତ୍ର ତିନି ଦିନର ଶିଶୁ ସେତେବେଳେ ପୁତନାର ଭୟ, ସ୍ତନରେ ବିଷ ଦେଇ ଶିଶୁ ହତ୍ୟାର ଉଦ୍ୟମ, ସେବେ ଠାରୁ ଭୟଙ୍କର ରାକ୍ଷସ ରାକ୍ଷସୀ ମାନଙ୍କ ଆକ୍ରମଣ ଲାଗି ରହିଲା। କିଶୋର ବେଳେ ଖେଳ ସାଥିଙ୍କ ଠାରୁ ବିଚ୍ଛେଦ, ପ୍ରିୟ ପିତା ମାତାଙ୍କ ଠାରୁ ବିଚ୍ଛେଦ। ଜରାସନ୍ଧ ଭୟରେ ଆପଣା ରାଜ୍ୟ ତ୍ୟାଗକରି ସମୁଦ୍ର ଭିତରେ ରାଜଧାନୀ ସ୍ଥାପନା। ଘର ସଂସାର କରି ବିରାଟ ଯାଦବ ବଂଶ ପ୍ରତିଷ୍ଠା କଲେ। ସମୟ କ୍ରମେ ନିଜ ହାତରେ ପ୍ରତିଷ୍ଠିତ ଆପଣା ପରିବାରଙ୍କୁ ଧ୍ୱଂସ କରିଦେଇ ନିଜେ ମଧ୍ୟ ଜରା ଶବର ହାତରେ ନିହତ ହୋଇଗଲେ। ଧର୍ମ ରକ୍ଷା ପାଇଁ କର୍ତ୍ତବ୍ୟ କରିବାରେ ସେ ସଦା ତତ୍ପର। ସର୍ବ ସମର୍ଥ ହୋଇ ମଧ୍ୟ ବେଳେ ବେଳେ ଅସହାୟତାର ଅଭିନୟ କରିଥାନ୍ତି। ଧର୍ମରକ୍ଷା, ସତ୍ୟ ପ୍ରତିଷ୍ଠା ସହିତ ସମାଜ ସୁରକ୍ଷା ପାଇଁ ଅନେକ ସମୟରେ ସେ ଅସହାୟତାର ସମ୍ମୁଖୀନ ହୋଇଛନ୍ତି। ଅଭିଶାପର ଶିକାର ହୋଇଛନ୍ତି, ସବୁ ଅଭିଶାପକୁ ସ୍ୱୀକାର ମଧ୍ୟ କରିଛନ୍ତି। ହସି ହସି ସବୁ ବିଷକୁ ଗ୍ରହଣ କରି ନେଇଛନ୍ତି। ସେ କାହାର ନୁହଁନ୍ତି, ପୁଣି ସମସ୍ତଙ୍କର। ଯେଉଁଠି ସତ୍ୟ, ଯେଉଁଠି ନ୍ୟାୟ, ଯେଉଁଠି ଶରଳତା, ନିଷ୍କପଟତା ସେ ସେଇଠି, ସେହିମାନଙ୍କ ପାଖରେ ସେ ସର୍ବଦା ରହିଛନ୍ତି। ଅନ୍ୟାୟ ପାଖରେ ନ୍ୟାୟର ଧର୍ମ ଧାରଣ କରି ସେ ଉଭା ହୋଇଛନ୍ତି। କାମନା, ଶୂନ୍ୟ ନିସ୍ପୃହ ନିରହଙ୍କାରୀ ଯୋଗୀ ସମ୍ପୂର୍ଣ୍ଣ ନିରପେକ୍ଷ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ। ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ ସେ ସ୍ୱୟଂ ଭଗବାନ। ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ତ୍ୟାଗ, ତିତିକ୍ଷା ସେ ପ୍ରତିଭୂ ଅଟନ୍ତି। ସମସ୍ତ ଐଶ୍ୱର୍ଯ୍ୟ ଭିତରେ ଥାଇ ମଧ୍ୟ ସେ ଅତ୍ୟନ୍ତ ଅସଙ୍ଗ ନିସଙ୍ଗ। ପିତା, ପୁତ୍ର, ପରିବାର ବନ୍ଧୁ ପରିଜନ ସେ ସବୁ କାହାର ନୁହଁନ୍ତି। ତାଙ୍କର ପ୍ରିୟ ଅପ୍ରିୟ ପାଖରେ ନାହିଁ, ସମସ୍ତେ ନିଜର। ସେ କେବଳ ନିରଭିମାନ ନିରହଂକାରୀ ସତ୍ୟନିଷ୍ଠ ସମର୍ପିତ ଭକ୍ତର। ଗୋ ବ୍ରାହ୍ମଣ ହିତ ପାଇଁ ସାଧୁ ସନ୍ଥଙ୍କ ସୁରକ୍ଷା ପାଇଁ ଦୁଷ୍ଟ ନିବାରଣ ପାଇଁ, ଧର୍ମ ପ୍ରତିଷ୍ଠା ପାଇଁ ତାଙ୍କର ଅବତାର। ଯିଏ ଯେପରି ଡାକିଛି ସେ ସେପରି ତାଙ୍କର ସହାୟତା ଦେଇଛନ୍ତି। ସେ ଅଚ୍ୟୁତ ଅନନ୍ତ ହେଲେ ମଧ୍ୟ ଭାବଗ୍ରାହୀ ଭାବେ ସମସ୍ତଙ୍କ ଅନ୍ତରବାସୀ ଭକ୍ତ ବତ୍ସଳ। ଶ୍ରୀମଦ୍ ଭଗବତ ଗୀତା ଶ୍ରୀକୃଷ୍ଣଙ୍କର ସାରା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ବିଶ୍ୱ ପାଇଁ ଅତୁଳନୀୟ ଅନୁଦାନ। ଏହା ତାଙ୍କର ମୁଖ ନିସୃତ ବାଣୀ। ସେଥିରେ ସେ ଘୋଷଣା କରିଛନ୍ତି – ମୋର ଜନ୍ମ କର୍ମ ଦିବ୍ୟ। ଯିଏ ମୋତେ ତତ୍ତ୍ୱତଃ ଜାଣେ ସେ ମୋତେ ପ୍ରାପ୍ତ ହୁଏ। ଶ୍ରୀକୃଷ୍ଣ ସର୍ବ ରହସ୍ୟର ଆଗାର। ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ। ଜଣେ କୃଷ୍ଣଙ୍କୁ ବୁଝିଲେ କୃଷ୍ଣ ହୋଇଯିବ ଅନ୍ୟ ଅର୍ଥରେ କହିଲେ କୃଷ୍ଣ ହେଲେ କୃଷ୍ଣ ବୁଝି ହେବ। ଜନ୍ମାଷ୍ଟମୀରେ ସ୍ୱୟଂ ପରମାତ୍ମା ସାକାର ରୂପରେ ଅବତୀର୍ଣ୍ଣ ହୋଇ ସାରା ସୃଷ୍ଟିର ପରମ କଲ୍ୟାଣ ସାଧନ କରିଛନ୍ତି। ଆନନ୍ଦ ବର୍ଦ୍ଧନ କରିଛନ୍ତି, ସମସ୍ତଙ୍କୁ ଦିବ୍ୟ ଆନନ୍ଦରେ ଆକର୍ଷିତ କରିଛନ୍ତି। ସେ କହିଛନ୍ତି ସାରା ସୃଷ୍ଟି ମୋର ସ୍ୱରୂପ। ମୋର ପରମ ଦିବ୍ୟ ସଚ୍ଚିଦାନନ୍ଦ ଘନ ସ୍ୱରୂପରେ ପ୍ରତିଷ୍ଠିତ ହେବ। ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ। ବାସୁଦେବ ସର୍ବମ୍। ଆସ କୃଷ୍ଣଙ୍କୁ ବୁଝି କୃଷ୍ଣ ହୋଇଯିବା। କୃଷ୍ଣ ହେଲେ ଯାଇ କୃଷ୍ଣଙ୍କୁ ବୁଝିପାରିବା। ସକଳ ଦୁଃଖ, ଶୋକ ମଧ୍ୟରେ ଆନନ୍ଦର ଅନୁଭବ ପାଇଁ, ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ଏ ଧରା ଧାମରେ ଅବତାର ଗ୍ରହଣ। ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଅଧରର ମଧୁର ହସ ଲିଭି ନାହିଁ। ଏ ହେଉଛନ୍ତି କୃଷ୍ଣ, ବିରଳ ବ୍ୟକ୍ତିତ୍ୱ, କେବଳ ଆଉ ଜଣେ କୃଷ୍ଣ ତାହା ଅନୁଭବ କରିପାରିବ। ପବିତ୍ର ଜନ୍ମାଷ୍ଟମୀରେ ଏହା ଅନୁଚିନ୍ତା ହେଉ। କୃଷ୍ଣ ଚେତନାରେ ଆମେ ହଜିଯାଉ, ମଜିଯାଉ, କେବଳ ଆଉ ସ୍ୱୟଂ କୃଷ୍ଣ ହୋଇଯାଉ। ଏକାକାର ହୋଇଯାଉ। ଜୟ ଶ୍ରୀକୃଷ୍ଣ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

# ସୃଷ୍ଟିର ମହାନାୟକ ଏବଂ ମ୍ୟାନେଜମେଣ୍ଟ ଗୁରୁ ଶ୍ରୀକୃଷ୍ଣ

॥ ଗୋପାଳ ମହାପାତ୍ର ॥

ଭଗବାନ ଶ୍ରୀକୃଷ୍ଣ ଆମ ସଂସ୍କୃତିର ଜଣେ ଅଦ୍‌ଭୁତ ଏବଂ ବିଲକ୍ଷଣ ମହାନାୟକ ଏବଂ ମ୍ୟାନେଜମେଣ୍ଟ ପ୍ରବନ୍ଧନ ଗୁରୁମଧ୍ୟ ଚରିତ୍ର ଏକ ପ୍ରଭାବୀ ଏବଂ ସଫଳ ମ୍ୟାନେଜମେଣ୍ଟ ଗୁରୁଙ୍କର ସମସ୍ତ ଗୁଣ ଥିବା ଲୋକ ନାୟକଙ୍କ ଶ୍ରୀକୃଷ୍ଣଙ୍କ ଚରିତ୍ର ଅଟେ। ସେ ଶାସକ କିନ୍ତୁ କେବେ ତାଙ୍କୁ ରାଜା ଶ୍ରୀକୃଷ୍ଣ ଭାବେ ସମ୍ବୋଧିତ କରାଯାଏ ନାହିଁ। ସେ ତ ବ୍ରଜ ନନ୍ଦନ ଅଟନ୍ତି। କୁଶଳ ପ୍ରବନ୍ଧନର ଦକ୍ଷତା କାରଣରୁ ସମାଜ ଏବଂ ରାଷ୍ଟ୍ରବ୍ୟବସ୍ଥା ତାଙ୍କ ପାଇଁ କର୍ତ୍ତବ୍ୟ ଥିଲା, ଧର୍ମ ତାଙ୍କର ଆତ୍ମନିଷ୍ଠା ପାଲଟିଥିଲା। ସେ ପ୍ରବୃତ୍ତି ଏବଂ ନିବୃତ୍ତି ଉଭୟର ସଂଯୋଜନାରେ ସଚେତନ ଥିଲେ। ଶ୍ରୀକୃଷ୍ଣଙ୍କ ଆଦର୍ଶରେ ହିଁ ଦେଶ ଏବଂ ଦୁନିଆରେ ଶାନ୍ତି ସ୍ଥାପିତ କରିବାର ମାର୍ଗ ପ୍ରଶସ୍ତ ହୋଇପାରିବ। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ରହସ୍ୟକୁ ବୁଝିବା ପାଇଁ ତାଙ୍କର ଆଦର୍ଶ ରାଜନୀତି, ବ୍ୟବହାରିକ ଲୋକତନ୍ତ୍ର, ସାମାଜିକ ବ୍ୟବସ୍ଥା, ଏକାତ୍ମ ମାନବବାଦ ଏବଂ ଅନୁଶାସିତ ସୈନ୍ୟ ଏବଂ ଯୁଦ୍ଧ ସଂଚାଳିତ ବ୍ୟବସ୍ଥା ଜାଣିବାକୁ ପଡିବ। ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ କେଉଁ ପ୍ରକାରର ନୀତି ଏବଂ ନିୟମ ଆବଶ୍ୟକ ସେ ସବୁ ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣଙ୍କ ପ୍ରଭାବୀ ପ୍ରବାନ୍ଧନ ସୁତ୍ରରୁ ମିଳିଥାଏ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଏବଂ କୃତୀତ୍ୱ ନେତୃତ୍ୱ ତଥା ପ୍ରବନ୍ଧନର ସମସ୍ତ ବିଶେଷତା ବହୁରଙ୍ଗୀ ଅର୍ଥାତ୍ ରାଜନୈତିକ କୌଶଳ, ବୁଦ୍ଧିମତା, ଚାତୁର୍ଯ୍ୟ, ଯୁଦ୍ଧନୀତି, ଆକର୍ଷଣ, ପ୍ରେମ ଭାବ, ଗୁରୁତ୍ୱ, ସୁଖ ଦୁଃଖ ଏବଂ ଆହୁରି ଅନେକ କିଛି।

ଜଣେ ଦେଶଭକ୍ତ ପାଇଁ ଶ୍ରୀକୃଷ୍ଣ ଭଗବାନ ତ ଅଟନ୍ତି ଏଥି ସହ ସେ ଜୀବନ ଜିଇଁବାର କଳା ଏବଂ ସଫଳ ନାଗରିକତା କଥା ମଧ୍ୟ ଶିଖାଇଛନ୍ତି। ସେ ନିଜର ବ୍ୟକ୍ତିତ୍ୱର ବିବିଧ ବିଶେଷତାର ଭାରତୀୟ ସଂସ୍କୃତିରେ ଉଚ୍ଚ ମହାପ୍ରବନ୍ଧକର ପଦ ପ୍ରାପ୍ତି କରିଥିଲେ। ଗୋଟିଏ ପକ୍ଷରେ ସେ ରାଜନୀତିର ଜ୍ଞାତା, ତ ଅନ୍ୟ ପକ୍ଷରେ ଦର୍ଶନର ପ୍ରକାଣ୍ଡ ପଣ୍ଡିତ ଥିଲେ। ଧାର୍ମିକ, ରାଜନୈତିକ ଏବଂ ସାମାଜିକ ଜଗତକୁ ମଧ୍ୟ ନେତୃତ୍ୱ ଦେଇଥିଲେ ତଥା ଜ୍ଞାନ-କର୍ମ- ଭକ୍ତିର ସମନ୍ୱୟବାଦୀ ଧର୍ମ ମଧ୍ୟ ପ୍ରବର୍ତ୍ତିତ କରିଥିଲେ। ନିଜର ଯୋଗ୍ୟତାର ଆଧାରରେ ସେ ଯୁଗପୁରୁଷ ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଯୁଗାବତାର ଭାବେ ସ୍ୱୀକୃତ ହୋଇଥିଲେ। ଆମେ ତାଙ୍କୁ ଜଣେ ମହାନ କ୍ରାନ୍ତିକାରୀ ନାୟକ ଭାବେ ମନେ ରଖିଛେ। ସେ ଦାର୍ଶନିକ, ଚିନ୍ତକ, ଗୀତା ମାଧ୍ୟମରେ କର୍ମ ଏବଂ ସାଂଖ୍ୟଯୋଗର ସଂଦେଶବାହକ ଏପରିକି ମହାଭାରତ ଯୁଦ୍ଧରେ ନୀତି ନିର୍ଦ୍ଦେଶକ ଥିଲେ। କିନ୍ତୁ ସରଳ ନିଛଳ ବ୍ରଜବାସୀ ମାନଙ୍କ ପାଇଁ ସେ ଥିଲେ ରାସ ରଚେତା, ଲହୁଣୀ ଚୋର, ଗୋପୀମାନଙ୍କ ମାଠିଆ ଭାଙ୍ଗୁଥିବା ଦୁଷ୍ଟ କହ୍ନେଇ ଏବଂ ଗୋପୀମାନଙ୍କ ଚିତ୍ତଚୋର। ଗୀତାରେ ଏ ସବୁର ଭାବାଭିବ୍ୟକ୍ତି ରହିଛି – "ହେ ଅର୍ଜୁନ ! ଯେଉଁ ଭକ୍ତ ମୋତେ ଯେଉଁ ଭାବନାରେ ଭଜିଥାଏ ମୁଁ ତାକୁ ସେଇ ପ୍ରକାର ଭଜିଥାଏ"। ଶ୍ରୀକୃଷ୍ଣଙ୍କ ଜୀବନ ଆଦର୍ଶକୁ ଯିଏ ଆତ୍ମସାତ କରି ପାରିବ ସେ ଜଣେ କୁଶଳ ପ୍ରବନ୍ଧିକ ଭାବେ ନିଜକୁ ପ୍ରଦର୍ଶିତ କରିପାରିବ।

ସଠିକ୍ ପ୍ରବନ୍ଧନ ବିନା କୌଣସି କାର୍ଯ୍ୟର ଶ୍ରେଷ୍ଠତମ ପରିମାଣ ମିଳିପାରେ ନାହିଁ। ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇଁ ସଠିକ୍ ପ୍ରବନ୍ଧନ ନିହାତି ଆବଶ୍ୟକ। ସାର୍ଥକ ଜୀବନ ପାଇଁ ମଧ୍ୟ ସଠିକ୍ ପ୍ରବନ୍ଧନ ଜରୁରୀ। ଶ୍ରୀକୃଷ୍ଣ ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଗୁରୁ ର ଭୂମିକା ନିର୍ବାହକରି ସଫଳ ଏବଂ ସାର୍ଥକ ଜୀବନ ଜିଇଁବାର ପ୍ରବନ୍ଧନ ସୁତ୍ରର ଶିକ୍ଷା ଦେଇଛନ୍ତି ଯାହା ସଂପୂର୍ଣ୍ଣ ମାନବ ଜାତିକୁ ପଥ – ପ୍ରଦର୍ଶନ କରୁଛି। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ନୀତିର ବିଶେଷତ୍ୱ ହେଉଛି ଯେ ତାଙ୍କ ଭାବନା ଏବଂ ବିବେକ ପରସ୍ପରର ପୂରକ ଥିଲେ। ପ୍ରବନ୍ଧନ ଗୁରୁ ଶ୍ରୀକୃଷ୍ଣଙ୍କ ବ୍ୟବହାରିକ କୌଶଳ ଥିଲା ଯେ ସର୍ବ ପ୍ରଥମେ ଅତ୍ୟାଚାରୀ କଂସକୁ ସେ ଆର୍ଥକ ପରେ ଦୁର୍ବଳ କରି ଦେଇଥିଲେ ଓ ପରେ ତାକୁ ବଧ କରି ଥିଲେ। ପୁରା ମହାଭାରତ ଯୁଦ୍ଧ ସମୟରେ ସେ କେବେ ଦୁଃଖିତ ହୋଇନଥିଲେ କିମ୍ବା ଅତ୍ୟଧିକ ଉତ୍ସାହିତ ମଧ୍ୟ ହୋଇ ନଥିଲେ। ଜଣେ ବ୍ୟକ୍ତି ମଧ୍ୟରେ ଅନେକ ଗୁଣ, ବିଶେଷତାଏବଂ କୌଶଳ 1 ସମାବେଶ ସେତେବେଳେ ହୋଇପାରେ ଯେତେବେଳେ ସେ ପ୍ରବନ୍ଧନରେ ଅଭିଜ୍ଞତା ହାସଲ କରି ପାରିଥାନ୍ତି।

ଶ୍ରୀକୃଷ୍ଣ ଏମିତି ଏକ ଆଦର୍ଶ ଚରିତ୍ର ଯିଏ ଅର୍ଜୁନର ମାନସିକ ବ୍ୟଥାର ନିଦାନ କରିବା ସମୟରେ ଜଣେ ମନୋବୈଜ୍ଞାନିକ ଭାବେ ନିଜକୁ ପ୍ରତିପାଦିତ କରିଥିଲେ। କଂସକୁ ସଂହାର ବେଳେ ଜଣେ ଧର୍ମାବତାର ପାଲଟିଥିଲେ। ସ୍ୱାର୍ଥ ପୋଷିତ ରାଜନୀତିର ପ୍ରତିକାର କରି ଜଣେ ଆଦର୍ଶ ରାଜନୀତିଜ୍ଞ, ମୋହନ ବଂଶୀବଜାଇ ଜଣେ ଶ୍ରେଷ୍ଠ ସଙ୍ଗୀତଜ୍ଞେ, ବ୍ରଜବାସୀଙ୍କ ଆଗରେ ପ୍ରେମାବତାର, ସୁଦାମା ଆଗରେ ଜଣେ ଆଦର୍ସ ବଂଧୁ ସୁଦର୍ଶନ ଚକ୍ରଧାରୀ ରୂପରେ ଜଣେ ଯୋଦ୍ଧା ଓ ସାମାଜିକ କ୍ରାନ୍ତିର ପ୍ରେରଣାଦାତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ। ତାଡକ ଜୀବନର ଅନେକ ଛୋଟ ଛୋଟ ଘଟଣା ମଧ୍ୟ ସମାଜ ପାଇଁ ପ୍ରେରଣାଦାୟୀ। ସେ ଥିଲେ ସର୍ବ ଏଶ୍ୱର୍ଯ୍ୟ ସମ୍ପନ୍ନ। ଧର୍ମର ସାକ୍ଷାତ୍ ମୂର୍ତ୍ତୀ, କୁଶଳ ରାଜନୈତିଜ୍ଞ ଥିଲେ ଶ୍ରୀକୃଷ୍ଣ। ସୃଷ୍ଟି ସଂଚାଳକ ରୂପରେ ସେ ଥିଲେ ଜଣେ ମହା ପ୍ରବନ୍ଧକ। ତାଙ୍କ ପ୍ରବନ୍ଧନର ମନ୍ତ୍ର ଅନୁସାରେ ଶ୍ରେଷ୍ଠ ବ୍ୟକ୍ତି ସର୍ବଦା ପଦବୀ ଏବଂ ଗାରିମା ଅନୁରୂପ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିବା ଉଚିତ। କାରଣ ସେହି ବ୍ୟକ୍ତିମାନେ ଲୋକଙ୍କ ପାଇଁ ଆଦର୍ଶ ଅଟନ୍ତି। ସେମାନଙ୍କୁ ଲୋକ ଅନୁକରଣ କରିଥାନ୍ତି। କୁରୁକ୍ଷେତ୍ରର ଯୁଦ୍ଧଭୂମୀରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଯେଉଁ ଉପଦେଶ ଦେଇଥିଲେ ତାହା ହେଉଛି ପ୍ରବନ୍ଧନ ବା ମ୍ୟାନେଜମେଣ୍ଟର ଅମରସୁକ୍ତ।

ମୋହବଶ ହୋଇଥିବା ଅର୍ଜୁନ ଯୁଦ୍ଧଭୂମୀରେ ଅସ୍ତ୍ର ତ୍ୟାଗ କରିଦେଇଥିଲେ। ସେତେବେଳେ ଗୀତାର ଉପଦେଶ ମାଧ୍ୟମରେ ଶ୍ରୀକୃଷ୍ଣ ତାଙ୍କୁ ଧର୍ମାନୁସାରେ କର୍ମ କରିବାରେ ପ୍ରେରଣା ଦେଇଥିଲେ। ଉପଦେଶ ମାଧ୍ୟମରେ ସେ ଅର୍ଜୁନଙ୍କୁ ପ୍ରବନ୍ଧନର ସୁତ୍ର ବୁଝାଇଥିଲେ। ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ମନୁଷ୍ୟର ମନରେ ଯଦି କାମନା ଥାଏ ତାଙ୍କୁ କେବେ ସୁଖ ଶାନ୍ତି ମିଳି ନଥାଏ। ତେଣୁ ସୁଖ ଶାନ୍ତି ପାଇବାକୁ ହେଲେ କାମନାକୁ ତ୍ୟାଗ କରିବାକୁ ପଡିବ। ଆମେ କର୍ମକରିବାବେଳେ ତାର ଫଳ କ'ଣ ହେବ ସେକଥା ଭାବିଲେ ଆମେ ଦୁର୍ବଳ ହୋଇଯିବା। ଏଣୁ ଆମେ ପରିଣାମର କଥା ଚିନ୍ତା ନକରି ନିଜର କର୍ମ ପ୍ରତିଧାନ ଦେବା ଆବଶ୍ୟକ ଯାହା ଫଳରେ ଆମେ ଆମ କର୍ତ୍ତବ୍ୟର ପାଳନ କରି ପାରିବା ଓ ଏହା ହେଉଛି ପ୍ରବନ୍ଧନର ଆଦିସୁତ୍ର। ଶ୍ରୀକୃଷ୍ଣଙ୍କ ପ୍ରଶାସନିକ ଏବଂ ରାଜନୈତିକ ଚରିତ୍ର ଅତ୍ୟନ୍ତ ଆଲୌକିକ। ସେଥିରୁ ସମଗ୍ର ବିଚାର ଦର୍ଶନର ସଂକ୍ଷେପ ସଂଦେଶ ହେଉଛି- କର୍ମ। କର୍ମ ମାଧ୍ୟମରେ ହିଁ ସମାଜର ଅନିଷ୍ଟକାରୀ ପ୍ରବୃତ୍ତିକୁ ଦମନକରି ତା ସ୍ଥାନରେ ବରେଣ୍ୟ ପ୍ରବୃତ୍ତିକୁ ସ୍ଥାପନ କରାଯାଇପାରେ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଅସୀମ କରୁଣାରେ ପରିପୂର୍ଣ୍ଣ। କିନ୍ତୁ ଅନୀତି ଏବଂ ଅତ୍ୟାଚାରର ପ୍ରତିକାର କରିବା ଭଳି କଠୋର ବ୍ୟକ୍ତିତ୍ୱ ତାଙ୍କଠାରେ ମଧ୍ୟ ରହିଥିଲା। ଭକ୍ତଙ୍କ ପାଇଁ ଯାହାଙ୍କ ହୃଦୟ ତରଳିଯାଉଥିଲା ସେହି ଶ୍ରୀକୃଷ୍ଣ ଦଣ୍ଡ ଦେବା ପାଇଁ ଅତ୍ୟନ୍ତ କଠୋର ହୋଇଯାଉଥିଲେ। କେବେ ପ୍ରେମ କରିବା, କେବେ ଘୃଣା କରିବା, କେବେ କଠୋର ହେବା ଓ କେବେ ଦୟାବାନ ହେବା ସେ ସବୁ କଥା ଉଚିତ୍ ପ୍ରବନ୍ଧନରେ ହିଁ ସମ୍ଭବ। ନିଜର ଜନ୍ମଠାରୁ ଲୀଳା ସମାପ୍ତି ପୁରା ଅବତାର ସମୟ ମଧ୍ୟରେ ଶ୍ରୀକୃଷ୍ଣ ଅନେକ ସଂଘର୍ଷକୁ ଦେଖିଛନ୍ତି ଓ ସମାପ୍ତି କରିଛନ୍ତି। ପରିସ୍ଥିତିକୁ ଅନୁକୂଳ କରିବାର କଳା ହିଁ ତାଙ୍କ ପାଖରେ ଥିଲା। ତାଙ୍କ ଶିକ୍ଷା ମଧ୍ୟ ଉଚ୍ଚକୋଟୀର ଥିଲା ଯେଉଁଥିପାଇଁ ତାଙ୍କ ବ୍ୟକ୍ତିତ୍ୱର ରଚନାତ୍ମକ ବିକାଶ ଘଟିଥିଲା।

**ରାମଚନ୍ଦ୍ରପୁର, ରଣପୁର**
**ମୋ -୯୪୩୮୪୮୫୦୯୪**

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

॥ ପ୍ରଦୀପ କୁମାର ବିଶ୍ୱାଳ ॥

'ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ, ଇନ୍ଦ୍ରାରି ବ୍ୟାକୁଳଂ ମୃଡୟନ୍ତି ଯୁଗେ ଯୁଗେ।' ଶ୍ରୀମଦ୍ ଭାଗବତରେ କୁହାଯାଇଛି 'କୃଷ୍ଣ ହିଁ ସ୍ୱୟଂ ଭଗବାନ'। ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି କୃଷ୍ଣ ହେଉଛନ୍ତି ସର୍ବୋତ୍ତମ ଉତ୍ସ ଯେଉଁଥିରୁ ବ୍ରହ୍ମା, ବିଷ୍ଣୁ, ଶିବ ଓ ପ୍ରକୃତି ଉତ୍ପତି ହୋଇଥିଲେ। କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ, ଅନ୍ୟ ଅବତାରମାନେ ତାଙ୍କର ଅଂଶବିଶେଷ। ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି,

**'ଯଦା ଯଦା ହି ଧର୍ମସ୍ୟ ଗ୍ଲାର୍ନିଭବତି ଭାରତ।**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।।**
**ପରତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍**
**ଧର୍ମସଂସ୍ଥାପର୍ନାଥାୟ ସମ୍ଭବାମି ଯୁଗେ ଯୁଗେ।'**

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଲାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ। ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୨୬.୮.୨୦୨୪ରିଖ ସୋମବାର ଦିନ ପାଳନ କରାଯିବ। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ୍ୟ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍ । ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ସୋମବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି । ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ। ଶ୍ରୀମଭାଗବତ୍ ୧୧ଶ ସ୍କନ୍ଧରୁ ଜଣାଯାଏ ଭଗବାନ ଶ୍ରୀକୃ ଲୋକଂ ଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ। ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୪ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୫୦ତମ ଜନ୍ମତିଥି। ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ ହେଉଥାଏ। ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୁମଣ୍ଡଳ। ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା 'ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ'। ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରାଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧ୍ୟରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୁମିଷ୍ଟ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ)। ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧ୍ୟରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ। ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲ୍‌ଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ। ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି। ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି। ଘୋର ଅନ୍ଧକାର ମଧ୍ୟରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ୍ୟ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି। ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ୍ୟ ଉଗ୍ରସେନ ନଛୋଡ ବନ୍ଧା। ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି। ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ। ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ। ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ। ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା। ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚି ଯଶୋଦଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ। ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା।

## ଅଜଣା ଯୁବକ ଘରେ ଆଶ୍ରୟ ନେଲା ବୃଦ୍ଧ ଦମ୍ପତିଙ୍କ ବେକରୁ ସୁନା ଚେନ ଲୁଟିନେଲା

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅଧୀନରେ ଥିବା ବିଭିନ୍ନ ଅଂଚଳରେ ଚୋରୀ, ଡକାୟତ, ଲୁଣ୍ଠନ ଦିନକୁ ଦିନ ବଢ଼ିବାରେ ଲାଗିଛି । ଲୁଟେରାଙ୍କୁ ଧରିବା ପାଇଁ ନୂଆଗାଁ ପୋଲିସ ପକ୍ଷରୁ ମଧ ତଦନ୍ତ ଜାରି ରଖିଥିବା ବେଳେ କିନ୍ତୁ ସୋମବାର ସକାଳୁ ନୂଆଗାଁ ଥାନା କାଚପଲ୍ଲୀ ନିକଟସ୍ଥ ନୂଆଗାଁ ବ୍ଲକ ପାଖ ଏକ ଘରୁ ବୃଦ୍ଧ ଦମ୍ପତିଙ୍କ ବେକରୁ ସୁନା ଚେନ ଲୁଟେରା ଲୁଟି ନେଇଥିବା ନୂଆଗାଁ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଗତ ରବିବାର ଦିନ ନିଜ ଘର ନୂଆଗାଁ ଆସିବା ପାଇଁ ପୁରୁଷୋତମ ଗୋଛାୟତ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ପଟିଆସ୍ଥିତ ଭଡ଼ା ଘରୁ ମୋ ବସ ଯୋଗେ ବରମୁଣ୍ଡା ବସଷ୍ଟାଣ୍ଡକୁ ଆସୁଥିବା ବେଳେ ସେହି ମୋ ବସ ଭିତରେ ହିଁ ସେମାନଙ୍କ ଏକ ମୋବାଇଲି ଚୋରୀ ହୋଇଥିବା ଦେଖାଦେଇଛି । ସ୍ୱାମୀ ଓ ତାଙ୍କ ପତ୍ନୀ ଙ୍କ କହିବା ଅନୁଯାୟୀ ସେହି ସମୟରେ ଜଣେ ଅଚିହ୍ନା ଯୁବକ ଆମ ସହ ଭେଟ ହୋଇଥିଲା ସେହି ବ୍ୟକ୍ତି ଜଣଙ୍କ ମୋବାଇଲ ଖୋଜିବାରେ ସହଯୋଗ କରିଥିଲା କ୍ଷ କିନ୍ତୁ ସେମାନଙ୍କ ମୋବାଇଲ ମିଳି ନଥିଲା । ଫଳରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଏକ ବସ ଯୋଗେ ସମୟ ରାତି ୧୧ଟାରେ ନୂଆଗାଁ ସ୍ଥିତ ନିଜ ବାସ ଭବନ ନିକଟରେ ଓହ୍ଲାଇ ଥିଲେ । ଉକ୍ତ ବସରେ ସେହି ଅଚିହ୍ନା ଯୁବକ ଜଣକ ମଧ ସେଠାରେ ଓହ୍ଲାଇ ଥିଲେ । ସେହି ଯୁବକ ଜଣଙ୍କ ନଇତଇଲା ଗ୍ରାମ ଜଣେ ବନ୍ଧୁ ଘରକୁ ଯିବା ପାଇଁ ଆସିଛି ବୋଲି ପୁରୁଷୋତମ ଓ ତାଙ୍କ ପତ୍ନୀ ଙ୍କୁ କହିଥିଲେ । କିନ୍ତୁ ସେଠାରେ ରାତି ହୋଇଯିବାରୁ ଏଠାରେ ରହି ସକାଳୁ ଚାଲିଯିବି ବୋଲି ଉକ୍ତ ବ୍ୟକ୍ତି ଜଣଙ୍କ କହିଥିଲେ ।ଏନେଇ ବୃଦ୍ଧ ଦମ୍ପତି ଜଣଙ୍କ ବିଶ୍ୱାସ କରି ସେହି ଅଜଣା ଯୁବକଙ୍କୁ ରାତିରେ ଘରେ ରହିବାକୁ ଆଶ୍ରୟ ଦେଇଥିଲେ ।ସକାଳୁ ପୁରୁଷୋତମ ଶୌଚାଳୟ ଯାଇଥିବା ସମୟରେ ଏହାର ସୁଯୋଗ ନେଇ ଘରେ ଥିବା ତାଙ୍କ ପତ୍ନୀ ବେକରୁ ୩୦ ଗ୍ରାମ ସୁନା ଚେନ ଲୁଟିନେଇ ଘରୁ ଚାଲି ଯାଇଥିଲା । ଯାହାର ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ପୁରୁଷୋତମ କହିଥିଲେ । ଏନେଇ ନୂଆଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଶ୍ରୀ ଗୋଛାୟତ ପ୍ରକାଶ କରିଛନ୍ତି ।ଏହାକୁ ନେଇ ନୂଆଗାଁ ପୋଲିସ ପକ୍ଷରୁ ତଦନ୍ତ ଜାରି ହୋଇଥିବା ସୂଚନା ମିଳିଛି ।

## ଇଫକୋ ଡିଏଭି ସ୍କୁଲର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର ଆୟୋଜିତ




ପାରାଦୀପ, (ମହାଭାରତ) : ପାରାଦୀପ ସ୍ଥିତ ଇଫକୋ ଡିଏଭି ପବ୍ଲିକ ସ୍କୁଲ ର ୨କ୍ଷତମ ପ୍ରତିଷ୍ଠା ଦିବସ ଇଫକୋ ର କମ୍ୟୁନିଟି ସେଁ୍ଟର ଠାରେ ସୋମବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ ତଥା ନିର୍ଦ୍ଦେଶକ ପି.କେ.ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ମହାବିଦ୍ୟାଳୟର ଇଂରାଜୀ ବିଭାଗ ର ମୁଖ୍ୟ ଅଧ୍ୟାପକ ପ୍ରଫେସର ଗଣେଶ୍ୱର ପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ । ଡିଏଭିସ୍କୁଲ ର ଅଧକ୍ଷ ସମ୍ପିତ ସୁକୁମାର ଚିନାରା ଙ୍କ ସ୍ୱାଗତ ଭାଷଣ ପରେ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ତାଙ୍କ ପ୍ରେରଣାଦାୟକ ଭାଷଣରେ ଉଲ୍ଲେଖ କରିଥିଲେ ଯେ ଛାତ୍ରଛାତ୍ରୀ ମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଶଂସା ଏବଂ ଉତ୍ସାହ ଆବଶ୍ୟକ । ସେ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଅକ୍ଳାନ୍ତ ପ୍ରୟାସ, ସଫଳତା ଏବଂ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ ଓ ସେମାନଙ୍କୁ ଗଢ଼ି ତୋଳିବା ପାଇଁ ଶିକ୍ଷକମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ପାତ୍ର ତାଙ୍କ ଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ଜୀବନରେ ଉନ୍ନତି ପାଇଁ ଏବଂ ଲକ୍ଷ୍ୟ ହାସଲ ପାଇଁ ପ୍ରେରଣା ଓ ଉତ୍ସାହ ଆବଶ୍ୟକ ଏବଂ ଦକ୍ଷତା ବିକାଶ ପାଇଁ ପ୍ରୟାସ ଉଦ୍ଦେଶ୍ୟମୂଳକ ହେବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋର ପ୍ରଥମ ମହିଳା ସୁପ୍ରିୟା ମହାପାତ୍ର, ଜେଜିଏମ (ଏଫ୍ ଆଣ୍ଡ ଏ) ଡି.ନାୟକ, ଚିଫ୍ ମ୍ୟାନେଜର (ପି ଆଣ୍ଡ ଏ) ବିଜୟ କୁମାର ପରିଡା, ଇଫକୋ ଡିଏଭି ସ୍କୁଲ ଅଧକ୍ଷ ସମ୍ପିତ ସୁକୁମାର ଚିନାରା,ପିପିଏଲ ଡିଏଭି ସ୍କୁଲ ଅଧକ୍ଷ ସଞ୍ଜିବ କୁମାର ସାହୁ,ପିପିଟି ଡିଏଭି ସ୍କୁଲ ର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟର ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସୁମଧୁର ସ୍ୱାଗତ ସଂଗୀତ, ମନୋରମ ନୃତ୍ୟ ଏବଂ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମକୁ ଏକ ଉଲ୍ଲେଖନୀୟ ରଙ୍ଗ ପ୍ରଦାନ କରିଥିଲା କ୍ଷ ସେହିପରି ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଯେଉଁଠାରେ ଅସହାୟ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ମୋଟ ୭୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ସ୍କୁଲ ର ଅଧକ୍ଷ ସମ୍ପିତ ସୁକୁମାର ଚିନାରା ସମସ୍ତ ବ୍ୟକ୍ତିଙ୍କୁ ସେମାନଙ୍କର ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ । ପରମ୍ପରା ଅନୁଯାୟୀ, ଶିକ୍ଷକ ମନୋଜ କୁମାର ଜେନା ସମସ୍ତ ଅତିଥି ଏବଂ ଦର୍ଶକଙ୍କୁ କାର୍ଯ୍ୟକ୍ରମକୁ ସଫଳତା ପାଇଁ ସେମାନଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ । ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ଆଂଚଳିକ ନିର୍ଦ୍ଦେଶକ, ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ ଏବଂ ଡକ୍ଟର ସୁଜାତା (ଆର୍ ଓ), ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ ସି, କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

## ପ୍ରଧାନ ଶିକ୍ଷୟିତ୍ରୀ ତନୁଜା ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାରଙ୍ଗ,(ମହାଭାରତ): ଜଗନ୍ନାଥପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ପଂଚବଟୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ତନୁଜା ଦାଶ ଅବସର ଗ୍ରହଣ କରିଛନ୍ତି ।



ଏହି ଉପଲକ୍ଷେ ବାବା ବଟେଶ୍ୱର ମନ୍ଦିର ପରିସରରେ ଶିକ୍ଷକ ସତ୍ୟରଂଜନ ପଣ୍ଡାଙ୍କ ଅଧକ୍ଷତାରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ପ୍ରଜ୍ଞା ପରମିତା ଜେନା, ମୁଖ୍ୟ ବକ୍ତା କଣ୍ଟାପଡ଼ା ବ୍ଲକ ବିଇଓ ରବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସରପଂଚ ବିଶ୍ୱଜିତ ଭୋଇ, ସିଆରସିସି ସୋମନାଥ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଦାସ ଯୋଗ ଦେଇ ଶ୍ରୀମତୀ ତନୁଜା ଦାଶ ତାଙ୍କ ଚାକିରି ଜୀବନରେ କର୍ତବ୍ୟନିଷ୍ଠା, ସମୟାନୁବର୍ତିତା, ଛାତ୍ରଛାତ୍ରୀମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ବିଦ୍ୟାଳୟ ପ୍ରତି ତାଙ୍କର ଆନ୍ତରିକତା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ତରଫରୁ ତାଙ୍କୁ ମାନପତ୍ର ଉତରୀୟ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା କରିବା ସହ ଶ୍ରୀମତୀ ତନୁଜା ଦାଶ ଅବସରକାଳୀନ ଜୀବନ ସୁଖ, ଶାନ୍ତି, ନିରାମୟ ଦୀର୍ଘାୟୁ ନୀରୋଗୀ ଜୀବନ ଯାପନ ଓ ହସ ଖୁସି ପରିବାରରେ ଆନନ୍ଦ ଉଲ୍ଲାସରେ କଟୁ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିନ୍ଦୁସ୍ମିତା ଦାଶ ଶିକ୍ଷୟିତ୍ରୀ ମହେଶ୍ୱତା ପଟ୍ଟନାୟକ, ବିନିତା ସାହୁ ଛାତ୍ରଛାତ୍ରୀ, ଆଲମୁନି କମିଟି ସଭ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ



ବାରଙ୍ଗ, (ମହାଭାରତ): କଟକ ଜିଲ୍ଲା ବାରଙ୍ଗ ବ୍ଲକ କୁରୁଟି ଗ୍ରାମସ୍ଥିତ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୧ ତାରିଖ ଦିନ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ଫୁଲ ନଖରା ବନାଂଚଳ, ନଗର ବନଖଣ୍ଡ ଭୁବନେଶ୍ୱର ଆନୁକୂଲ୍ୟରେ ୭୬ତମ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହାରୁ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି । ଗଛ ଛାଇ ଯୋଗାଇବା, ମରୁଡ଼ି ପରିସ୍ଥିତି ହ୍ରାସ କରାଇବା, ଅଧିକ ବିକଳ୍ପ ଇନ୍ଧନ ଉତ୍ସ ପହଂଚାଇବା, ପରିବେଶ ସନ୍ତୁଳନ ଆଣିବା, ଖାଦ୍ୟ ଉତ୍ପାଦନ ବୃଦ୍ଧି ଓ ମୃତିକା କ୍ଷୟ ହ୍ରାସ କରାଇବା ଆଦି ଅଗଣିତ ହିତ ସାଧନ କରିଥାଏ । ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି । ଏହି କାର୍ଯ୍ୟକ୍ରମକୁ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସତ୍ୟବତୀ ସାହୁ ଙ୍କ ସଭାପତିତ୍ୱ କରିଥିଲେ । ଫୁଲନଖରା ବନ୍ୟ ପ୍ରାଣୀ ରେଞ୍ଜ ଅଧିକାରୀ ମୌସୁମୀ ବେହେରା, ବନ ଅଧିକାରୀ ଶ୍ରୀକାନ୍ତ ବେହେରା ଓ ଧନେଶ୍ୱର ସାହୁ, ବନ ରକ୍ଷକ ଅନନ୍ୟା ବିଶ୍ୱାଳ, ସୁଜାତା ନାୟକ ଏବଂ ସୁନିତ୍ କୁମାର ଟୁଡୁଙ୍କ ଉପସ୍ଥିତିରେ ଏହି ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା । ପରିବେଶ ସନ୍ତୁଳନ ଏବଂ ସୁସ୍ଥ ପରିବେଶ ପାଇଁ ବର୍ତମାନ ବୃକ୍ଷ ହିଁ ଏକମାତ୍ର ବିକଳ୍ପ ବୋଲି ଆଲୋଚନା କରି ସମସ୍ତେ ଅଭିଯାନରେ ସାମିଲ ହୋଇ ଗଛ ଲଗାଇ ତାର ଯତ୍ନ ନେବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚସଖା ଶିକ୍ଷାସେତୁ ସଭାପତି ଉଗ୍ରେସେନ ମହାନ୍ତି, କୁରୁଟି ଗ୍ରାମର ସୁନିଲ୍ କୁମାର ଭୂୟାଁ, ପ୍ରଭାତ କୁମାର ଭୋଇ ଉପସ୍ଥିତ ରହିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନାକ୍ଷୀ ବେହେରା, ବବିତା ବେହେରା, ମଳୟା ଦାଶ, ଶୁଲିସ୍ମା ପତି, କ୍ରୀଡା ଶିକ୍ଷକ ସରୋଜ ମହାପାତ୍ର, ଶିକ୍ଷୟିତ୍ରୀ ସ୍ୱାଗତିକା ପ୍ରିୟଦର୍ଶିନୀ, ମିନତୀ କୁମାରୀ ନାୟକ, ସୁଦୀପ୍ତା ପ୍ରିୟଦର୍ଶିନୀ, ମୁଖ୍ୟ କିରାଣୀ ରାଜୀବ କୁମାର ପଣ୍ଡା ,କର୍ମଚାରୀ ରାମ ଚନ୍ଦ୍ର ଦାସ, ଅଭିଭାବକ ସରସ୍ୱତୀ ଭୋଇ, ଆରତୀ ଭୋଇ ଏବଂ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ବଉଳ,ପିଜୁଳି, ଆତ, ଅଁଳା ,ମେହେଗାନି ଏବଂ କରଞ୍ଜ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା ।

## ଶିଳ୍ପାଂଚଳ ରାସ୍ତା ଏବେ ମରଣଯନ୍ତା

ଯାଜପୁର ରୋଡ, (ମହାଭାରତ) : କଳିଙ୍ଗନଗର ଶିଳ୍ପାଂଚଳ ସହିତ ସଂଯୁକ୍ତ ବ୍ୟସ୍ତବହୁଳ ଦାନଗଦି ର ମିଲିଟାରୀ ଛକ ଠାରୁ ଫାୟାର ଷ୍ଟେସନ ଗୋଲେଇ ପର୍ଯ୍ୟନ୍ତ ୭ କିମି ରାସ୍ତା ମରଣଯନ୍ତା ପାଲଟିଛି ।



ଏହି ରାସ୍ତା ର ସୋବରା ନିକଟବର୍ତୀ ପୋଲ ପାଖରେ ରାସ୍ତା ଭାଙ୍ଗିରୁଜି ଯାଇଛି କ୍ଷ ରାସ୍ତା ଉପରେ ଥିବା ବିରାଟ ବିରାଟ ଖାଲ ପଥ ଚାରୀ ଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ରାସ୍ତା ପାଇଁ ଏଠାରେ ଏକାଧିକ ଦୁର୍ଘଟଣା ଘଟିଥିଲେ ମଧ ପୂର୍ତ ବିଭାଗ ର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ ନାହିଁ । ଏପରିକି ବହୁ କୋଟି ଟଙ୍କା ରେ ରାସ୍ତା ରେ ଆଲୋକ ସ୍ଥାପନ କରାଯାଇଥିଲେ ମଧ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ଶିଳ୍ପାଂଚଳକୁ ଯାତାୟତ କରୁଥିବା ଯାନବାହାନ ଓ ଶ୍ରମିକ କର୍ମଚାରୀ ଏଥିଯୋଗୁ ସମସ୍ୟାରେ ପଡୁଛନ୍ତି । ଅନ୍ଧାର ର ସୁଯୋଗରେ ବିଗତ ଦିନ ମାନଙ୍କରେ ଏହି ରାସ୍ତାରେ ଅନେକ ଲୁଟ୍ ଓ ଦୁର୍ଘଟଣା ଘଟିଛି । ମାତ୍ର ବାରମ୍ବାର ଦାବି ପରେ ମଧ ରାସ୍ତା ଅନ୍ଧାର ରୁ ମୁକୁଳି ପାରୁନାହିଁ । ଅନ୍ଧାର ସୁଯୋଗ ନେଇ ରାସ୍ତା ପାର୍ଶ୍ୱ ଅସାମାଜିକ ଲୋକଙ୍କ ପାଇଁ ଆଡ୍ଡା ପାଲଟିଛି । ସୂଚନା ମୁତାବକ ଏହି ରାସ୍ତା ର ମରାମତି ଓ ଏଠାରେ ସ୍ଥାପିତ ବିଦ୍ୟୁତ କୁ ଚଳାଇବା ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା ନାହିଁ । ପୂର୍ତ ବିଭାଗ କେ.ଏନ.ଡି.ଏ କିମ୍ବା ଜେ.ସି.ଡି.ଏଲ୍ କୁ ରାସ୍ତା ହସ୍ତାନ୍ତର କରିବା ସହିତ ରାସ୍ତାର ମରାମତି ଓ ଷ୍ଟ୍ରିଟଲାଇଟ ସଚଳ କରିବା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପାରାଦ୍ୱୀପ/କୁଜଙ୍ଗ, (ମହାଭାରତ) : କୁଜଙ୍ଗ ବନଖଣ୍ଡ ଅଧିକାରୀ କାର୍ତିକେଶ୍ୱର ଖଣ୍ଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ସପ୍ତାହବ୍ୟାପି ବନ ମହୋତ୍ସବ ଉପଲକ୍ଷେ ଏରସମା ବ୍ଲକ ଅନ୍ତର୍ଗତ



ଇରିବୀଣା ଗ୍ରାମ ଠାରେ ପ୍ରାରମ୍ଭିକ ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସୁଶାନ୍ତ ଶେଖର ସ୍ୱାଇଁ, ଜପା ପଂଚାୟତ ସରପଂଚ ବିଦ୍ୟୁଲତା ରାଉତ,ସମାଜସେବୀ ସନ୍ତୋଷ ଦାଶ,ସରପଂଚ ପ୍ରତିନିଧି ନିଶାକର ରାଉତ,ଇରିବୀଣା ବନ କମିଟି ସଭ୍ୟ ରମେଶ ପୁହାଣ, ଧ୍ରୁବ ସ୍ୱାଇଁ, ନିତ୍ୟାନନ୍ଦ ମଲ୍ଲିକ ଓ ଗ୍ରାମବାସୀ ରଞ୍ଜନ ସ୍ୱାଇଁ,ପ୍ରଦୀପ୍ ପୁହାଣ,ଶୁଭନାରାୟଣ ସ୍ୱାଇଁ, ଉତମ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୁଜଙ୍ଗ ପାରାଦ୍ୱୀପ ଅଂଚଳର ପ୍ରଦୂଷିତ ଜଳ-ବାୟୁକୁ ସୁଧାର ନିମିତ ଅଂଚଳରେ ବ୍ୟାପକ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବାର ଆବଶ୍ୟକତା ଅଛିବୋଲି ଟ୍ରଷ୍ଟର ଅଧକ୍ଷ୍ୟ ଶ୍ରୀଯୁକ୍ତ ସ୍ୱାଇଁ ସରକାରଙ୍କ ଠାରେ ଦାବୀ କରିଛନ୍ତି । ଅନ୍ୟମାନଙ୍କ ମଧରେ ବନ କର୍ମଚାରୀ ପଦ୍ମନାଭ ରାଉତ, ବାବୁଲି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

## ଟାଟା ଷ୍ଟିଲ୍ ଯୋଡା ପକ୍ଷରୁ ବନ ମହୋତ୍ସବ ପାଳିତ



ଯୋଡା , (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ଟାଟା ଷ୍ଟିଲ୍ ତରଫରୁ ଆଜି ବନ ମହୋତ୍ସବ ପାଳିତ ହୋଇଯାଇଛି । ପରିବେଶ ସନ୍ତୁଳନ ଏବଂ ଜନ ସମାଜ ପାଇଁ ବୃକ୍ଷ ର ଆବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉତ୍ସାହ ସୃଷ୍ଟି କରିବା ପାଇଁ, ଟାଟା ଷ୍ଟିଲ ଯୋଡା ପକ୍ଷରୁ ବନ ମହୋତ୍ସବ ବୁଧବାର ଯୋଡା ସହର ଅନ୍ତର୍ଗତ ବନେଇକଳା ଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ପ୍ରାୟ ୨୦ ଜଣ ସାମ୍ବାଦିକ ସାମିଲ ହୋଇ ଶାଳ, ଶିଶୁ, ଗମ୍ଭାରୀ, କଂଚନ ଏବଂ କୁଡୁଚୀ ଭଳି ବିଭିନ୍ନ କିସମ ର ଚାରା ରୋପଣ କରିଥିଲେ । ଏହି ଚାରା ରୋପଣ ଜାପାନ ର ମିୟାୱାକି ପଦ୍ଧତି କୁ ଅବଲମ୍ବନ କରି କରାଯାଇଥିଲା ଯାହାକି ବୃକ୍ଷର ସ୍ଥାନୀୟ ପ୍ରଜାତି ଦ୍ୱାରା ଅଳ୍ପ ସମୟରେ ଘଂଚ ଜଙ୍ଗଲ ସୃଷ୍ଟି କରାଯାଇପାରିବ । ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର, ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷର ଉପାଦେୟତା ଏବଂ ପରିବେଶ ସନ୍ତୁଳନ ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ବର୍ତମାନର ପରିବର୍ତନଶୀଳ ଜଳବାୟୁ ପାଇଁ ଗଛ ର ବହୁଳ ଆବଶ୍ୟକତା ରହିଛି ଏବଂ ଏହାକୁ ଆବାଳବୃଦ୍ଧବନିତା ହୃଦୟଙ୍ଗମ କରି ଚାରା ରୋପଣ କରିବା ର ସମୟ ଆସିଛି ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ ଓବନ ମହୋତ୍ସବ ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳନ କରାଯାଇଥାଏ । ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା କାର୍ଯ୍ୟକ୍ରମରେ ସାମିଲ କରିବା ସହ ସଚେତନତା ସୃଷ୍ଟି କରାଇବା ହେଉଛି ଏହି ବନ ମହୋତ୍ସବ ର ଉଦ୍ଦେଶ୍ୟ ।

## ରାସାୟନିକ ଓ ଶିଳ୍ପାଂଚଳ ବିପର୍ଯ୍ୟୟ ପ୍ରଶମନ ଉଚ୍ଚସ୍ତରୀୟ କର୍ମଶାଳା

ପାରାଦୀପ, (ମହାଭାରତ) : ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତୃପକ୍ଷଙ୍କ ପକ୍ଷରୁ ଜଗତସିଂହପୁର ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତୃପକ୍ଷଙ୍କ ତତ୍ୱାବଧାନରେ ପାରାଦୀପସ୍ଥିତ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ରାସାୟନିକ ଓ ଶିଳ୍ପାଂଚଳ ବିପର୍ଯ୍ୟୟ ପ୍ରଶମନ ଉଚ୍ଚସ୍ତରୀୟ କର୍ମଶାଳା ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଛୋଟବଡ ବହୁ ଶିଳ୍ପସଂସ୍ଥା ଗୁଡିକ ଗଢି ଉଠିଛି । ଏଣୁ ରାସାୟନିକ ଓ ଶିଳ୍ପାଂଚଳ ବିପର୍ଯ୍ୟୟ ହେବାର ସମ୍ଭାବନା ରହିଛି । ଏହାକୁ କିଭଳି ଭାବେ ତୁରନ୍ତ ପ୍ରଶମନ କରାଯିବ ସେ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଜେ. ସୋନାଲ, ଓସଡମାର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.କମଳ ଲୋଚନ ମିଶ୍ର, ଓସଡମାର ପ୍ରବନ୍ଧକ ମଳୟ କୁମାର ପ୍ରଧାନ, ସୁନୀଲ କୁମାର ସାହୁ, ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର, ଏଫଆଣ୍ଡବିର ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା,ଏଫଆଣ୍ଡବିର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା,ଏସପିସିବିର ଆଂଚଳିକ ଅଧିକାରୀ ପୁସ୍କର ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଆପତକାଳୀନ ପରିସ୍ଥିତିରେ କିପରି ଏହାକୁ ନିୟନ୍ତ୍ରଣ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ରାଜ୍ୟ ସରକାରଙ୍କ ଓଡରାଫ, ଅଗ୍ନିଶମ ବାହିନୀ,ଭାରତୀୟ ତଟରକ୍ଷୀ ବାହିନୀ, ଆଇଓସିଏଲ୍, ଇଫକୋ,ପିପିଏଲ, ବିପିସିଏଲ୍, ଏଚପିସିଏଲ୍, ପାରାଦୀପ ବନ୍ଦରର ପ୍ରତିନିଧିମାନେ ଯୋଗ ଯୋଗ ଦେଇଥିଲେ । ଶେଷରେ ଏଫଆଣ୍ଡବିର ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତେ ଏକତ୍ରିତ ହୋଇ ବିପର୍ଯ୍ୟୟ ମୁକାବିଲାରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

## ମହରମ ପାଳନ ସମ୍ପର୍କରେ ଶାନ୍ତି ଓ ସମନ୍ୱୟ ସମିତି ବୈଠକ

ସମ୍ବଲପୁର,(ମହାଭାରତ) : ଚଳିତ ବର୍ଷ ମହରମ ୨୦୨୫ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ଶାନ୍ତି ଓ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ) ଙ୍କ ଅଧକ୍ଷତାରେ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୁ(ଭା.ପୋ.ସେ), ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ଶ୍ରୀ ବେଦ ଭୂଷଣ (ଭା.ପ୍ର .ସେ ) , କ୍ତ୍ରକ୍ୱକ୍ଟଭବଗ୍ସକ୍ଟଭବକ୍ୱଛ ଓଇଝ ଶୁଭ୍ରା ପଣ୍ଡା ପ୍ରମୁଖ ମଂଚସିନ ଥିଲେ । ଉକ୍ତ ବୈଠକରେ ବିଭିନ୍ନ ସଙ୍ଗଠନ ର ସଦସ୍ୟମାନେ, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ଏବଂ ସମ୍ବଲପୁର ଅଂଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ମହରମ କିପରି ଶାନ୍ତି ଶୃଙ୍ଖଳା ର ସହିତ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଗଲା ।ଉକ୍ତ ବୈଠକ ରେ ଆଇନ ଶୃଙ୍ଖଳା ରକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ଉତ୍ସବ ଦିନରେ ନିରବଚ୍ଛିନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବେଆଇନ ଓ ନକଲି ମଦ ବିକ୍ରି ଉପରେ ପ୍ରତିଷେଧକ ପଦକ୍ଷେପ ନେବା, ଆଖପାଖ ଅଂଚଳରେ ଅଗ୍ନିକାଣ୍ଡ ରୋକିବା ପାଇଁ ତ୍ୱରାନିତ୍ୱ ପଦକ୍ଷପ ନେବା ଏବଂ ଶୋଭାଯାତ୍ରା କିଭଳି ଓ କେଉଁ ରାସ୍ତା ଦେଇ ଶୋଭାଯାତ୍ରା ଅନୁଷ୍ଠିତ ସେ ପ୍ରସଙ୍ଗ ଉପରେ ଆଲୋଚୋନା ହୋଇଥିଲା ।

## ବାଲିମେଲା-ବ୍ରହ୍ମପୁର ଓଏସଆରଟିସି ବସ ଛାତରୁ ଗଳୁଛି ବର୍ଷା ପାଣି, ଯାତ୍ରୀ ହନ୍ତସନ୍ତ



ମାଲକାନଗିରି, (ମହାଭାରତ) : ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର ବାଲିମେଲା ସହରରୁ ବାଲିମେଲା-ବ୍ରହ୍ମପୁର କୁ ଦୈନିକ ଯାଆସ ନିମନ୍ତେ ଏକ ରାତ୍ରିକାଳୀନ ଦ୍ରୁତଗାମୀ ଓଏସଆରଟିସି ବସ ପଡିଥିବା ବେଳେ ଉକ୍ତ ବସ ଛାତ ରୁ ଗଳୁଛି ବର୍ଷା ଜଳ, ସିଟରେ ବର୍ଷା ପାଣି ଟୋପା ଟୋପା ହୋଇ ପଡିବା ଫଳରେ ଯାତ୍ରୀ ମାନେ ହନ୍ତସନ୍ତ ହେଉଥିବା ନେଇ ଅଭିଯୋଗ କରିଛନ୍ତି । ତେବେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଗତକାଲି ଏହି ବସରେ ଆସୁଥିବା ଯାତ୍ରୀମାନଙ୍କ ସିଟରେ ବର୍ଷା ପାଣି ପଡିବା ଫଳରେ ରାସ୍ତାରେ କିଛି ଯାତ୍ରୀ କଣ୍ଡକ୍ଟରଙ୍କୁ ଏପରି ରାତ୍ରିକାଳୀନ ବସ କିଭଳି ଭାବେ ଏତେ ଦୂର ଯାତ୍ରା ନିମନ୍ତେ ନେଉଥିବା ନେଇ ପ୍ରଶ୍ନ କରିଥିଲେ । ଏଥିସହ ଆଜି ସକାଳୁ ବସ(ଓଡ଼ି ୦୭ ଏଜେ ୨୨୬୦)ଟି ସକାଳୁ ଆସି ବାଲିମେଲା ବସ ଷ୍ଟାଣ୍ଡରେ ପହଁଚିବା ପରେ ପୁନଃ କିଛି ଯାତ୍ରୀମାନେ ଅସନ୍ତୋଷ ହୋଇ ପାଟି ତୁଣ୍ଡ କରିଥିବା ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ଦିନ ବସଟି ଦିନ ୨ଟା ସମୟରେ ବାଲିମେଲା ରୁ ବାହାରି ରାୟଗଡା ଦେଇ ବ୍ରହ୍ମପୁରରେ ସକାଳ ୫ଟା ରେ ପହଂଚିଥାଏ । ତେବେ ୬୦୦ ଟଙ୍କା ମୂଲ୍ୟ ଦେଇ ଯାତ୍ରୀ ଜଣକ ୧୫ ଘଣ୍ଟାର ଯାତ୍ରାରେ ସାରା ରାତି ଟିକେ ଶୋଇବା ବଦଳରେ ବର୍ଷା ଜଳରେ ସମ୍ପୂର୍ଣ୍ଣ ଭିଜି ନିଜ ନିଜ ସିଟରେ ନ ବସି ଛିଡା ହୋଇ ଆସିଥିବା କହିଛନ୍ତି । ତେବେ ବାରମ୍ବାର ଯାତ୍ରୀମାନେ ଅଭିଯୋଗ କରିବା ପରେ ମଧ ବସ କଣ୍ଡକ୍ଟର କିମ୍ବା ଡ୍ରାଇଭର କର୍ଣ୍ଣପାତ ନ କରିବା ସହ ଆମ କିଛି କରିପାରିବୁ ନାହିଁ, ଏନେଇ ଆମ ଉପରିସ୍ଥ ଅଧିକାରୀ ଙ୍କ ନିକଟରେ ଅଭିଯୋଗ କରିବାକୁ କହିଥିଲେ । ତେବେ ସରକାରୀ ବସର ଏପରି ଅବସ୍ଥା ହେତୁ ଲୋକେ ବେସରକାରୀ ବସରେ ଅଧିକ ମୂଲ୍ୟ ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଦେଖିବାକୁ ମିଳୁଛି । ଏଥିସହ କିଛି ଡ୍ରାଇଭର ଏବଂ କଣ୍ଡକ୍ଟର ଦୈନିକ ବ୍ରହ୍ମପୁରରୁ କିଛି ବ୍ୟବସାୟୀ ଙ୍କ ଅଧିକା ସାମଗ୍ରୀ ବସ୍ତା ବସରେ ପକାଇ ଉପୁରି ଭଲ ଟଙ୍କା ଆତ୍ମସାତ କରୁଥିବା ଦେଖିବାକୁ ମିଳୁଛି । ତେବେ ଏନେଇ ଆମେ ବ୍ରହ୍ମପୁର ଡିଟିଏମ୍ ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ସେ ତୁରନ୍ତ ଉକ୍ତ ବସରେ ଏକ ପତଳା ସ୍ତରର ପିଚୁ ଦେଇ ମରାମତି କରିବା ସହ ଆସନ୍ତା କାଲି ଠାରୁ ସେହି ବସଟି ପରିବର୍ତେ ଅନ୍ୟ ଏକ ବସ ବାଲିମେଳାକୁ ପଠାଯିବ ବୋଲି କହିବା ସହ ଯେଉଁ ଡ୍ରାଇଭର ଏବଂ କଣ୍ଡକ୍ଟର ଯାତ୍ରୀ ମାନଙ୍କ ସହ ଦୁର୍ବ୍ୟବହାର କରିଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ



ଗଞ୍ଜାମ(ମହାଭାରତ): ବୁଧବାରଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାରଳାଖେମୁଣ୍ଡି ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୁଲ୍ୟରେ ବୃକ୍ଷ ରୋପଣ କରାଯାଇଥିଲା। ମାଆ ପାଇଁ ଗଛଟିଏ ବିଷୟ ବସ୍ତୁକୁ ଆଧାର କରି ବିଦ୍ୟାଳୟ ପରିସରରେ ସ୍କାଉଟ୍ ଓ ଗାଇଡ୍ ର ଛାତ୍ରଛାତ୍ରୀ ମାନଙ୍କର ସହଯୋଗରେ ଅନେକ ବୃକ୍ଷରୋପଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ସୁରେଶ କୁମାର ପାତ୍ର,ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ପାଢ଼ୀ,ଶିକ୍ଷାବିକାଶ ସମିତିର କାର୍ଯ୍ୟକର୍ତ୍ତା ଅରୁଣ କୁମାର ବାଗ, ସରୋଜ କୁମାର ପଟ୍ଟନାୟକ, ପ୍ରକାଶଚନ୍ଦ୍ର ତ୍ରିପାଠୀ,ଶ୍ରୀ ସଂଗ୍ରାମ ମହାନ୍ତି,ଶ୍ରୀ ମନୋଜ କୁମାର ଦାସ ବିଦ୍ୟାଳୟର ଆଚାର୍ଯ୍ୟ ଶ୍ରୀ ଦୁର୍ଗା ପ୍ରସାଦ ସାହୁ,ଶାରୀରିକ ଶିକ୍ଷକ ରାଜେଶ କରାଇ ପ୍ରଧାନ ଆଚାର୍ଯ୍ୟା ଶ୍ରୀ ସରୋଜ କୁମାର ପଣ୍ଡା ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

# ଶିଳ୍ପାଞ୍ଚଳ ରାସ୍ତା ଏବେ ମରଣଯନ୍ତା

ଯାଜପୁର ରୋଡ, (ମହାଭାରତ): କଳିଙ୍ଗନଗର ଶିଳ୍ପାଞ୍ଚଳ ସହିତ ସଂଯୁକ୍ତ ବ୍ୟସ୍ତବହୁଳ ଦାନଗଦି ର ମିଲିଟାରୀ ଛକ ଠାରୁ ଫାୟାର ଷ୍ଟେସନ ଗୋଲେଇ ପର୍ଯ୍ୟନ୍ତ ୭ କିମି ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ର ସୋବରା ନିକଟବର୍ତ୍ତୀ ପୋଲ ପାଖରେ ରାସ୍ତା ଭାଙ୍ଗିରୁଜି ଯାଇଛି । ରାସ୍ତା ଉପରେ ଥିବା ବିରାଟ ବିରାଟ ଖାଲ ପଥ ଚାରୀ ଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ରାସ୍ତା ପାଇଁ ଏଠାରେ ଏକାଧିକ ଦୁର୍ଘଟଣା ଘଟିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ ନାହିଁ । ଏପରିକି ବହୁ କୋଟି ଟଙ୍କା ରେ ରାସ୍ତା ରେ ଆଲୋକ ସ୍ଥାପନ କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ଶିଳ୍ପାଞ୍ଚଳ କୁ ଯାତାୟାତ କରୁଥିବା ଯାନବାହାନ ଓ ଶ୍ରମିକ କର୍ମଚାରୀ



ଏଥିଯୋଗୁ ସମସ୍ୟାରେ ପଡୁଛନ୍ତି । ଅନ୍ଧାର ର ସୁଯୋଗରେ ବିଗତ ଦିନ ମାନଙ୍କରେ ଏହି ରାସ୍ତାରେ ଅନେକ ଲୁଟ ଓ ଦୁର୍ଘଟଣା ଘଟିଛି । ମାତ୍ର ବାରମ୍ବାର ଦାବି ପରେ ମଧ୍ୟ ରାସ୍ତା ଅନ୍ଧାର ରୁ ମୁକୁଳି ପାରୁନାହିଁ । ଅନ୍ଧାର ସୁଯୋଗ ନେଇ ରାସ୍ତା ପାର୍ଶ୍ୱ ଅସାମାଜିକ ଲୋକଙ୍କ ପାଇଁ ଆଡ୍ଡା ପାଲଟିଛି । ସୂଚନା ମୁତାବକ ଏହି ରାସ୍ତା ର ମରାମତି ଓ ଏଠାରେ ସ୍ଥାପିତ ବିଦ୍ୟୁତ କୁ ଚଳାଇବା ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା ନାହିଁ । ପୂର୍ତ୍ତ ବିଭାଗ କେ.ଏନ.ଡି.ଏ କିମ୍ବା ଜେ.ସି.ଡି.ଏଲ୍ କୁ ରାସ୍ତା ହସ୍ତାନ୍ତର କରିବା ସହିତ ରାସ୍ତାର ମରାମତି ଓ ଷ୍ଟ୍ରିଟଲାଇଟ ସଚଳ କରିବା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଟେକ୍ନିକାଲ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଆସିକା (ମହାଭାରତ): ଆସିକା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ କଲେଜଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲ ର ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ର ଙ୍କୁ ଭାବ ବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁନନ୍ଦନ ପଣ୍ଡା, ଜଗଦଳପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର, ଉତ୍ତୀତ ଉଚ୍ଚ ବିଦ୍ୟାଳୟ, ଗୋଲାପଡା(ଭଞ୍ଜଗଗର) ର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ସେଠୀ, ଟେକ୍ନିକାଲ ହାଇ ସ୍କୁଲର ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ,ଟେକ୍ନିକାଲ ହାଇ ସ୍କଲ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପରମିତ ପଣ୍ଡା, ଚିନି ଶିଳ୍ପ ହାଇ ସ୍କଲ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ଟେକ୍ନିକାଲ ହାଇ ସ୍କୁଲ୍ ର ଅବସର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଖାଡଙ୍ଗା ,କାଳିଆ ରେଡ୍ଡୀ, ପାଣ୍ଡବ ପାତ୍ର, ବି କୃଷ୍ଣମୂର୍ତ୍ତି ପାତ୍ର, ସୁମନ୍ତ କୁମାର ପାତ୍ର, ରବୀନ୍ଦ୍ର କୁମାର ପଟ୍ଟାୟକ ଙ୍କ ଉପସ୍ଥିତ ରେ ଦୁଇ ବିଦାୟୀ ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା ସହିତ ଦୁଇ ପ୍ରଧାନ ଶିକ୍ଷକ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟ ର କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ଼ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା ।

## ସମାଟାଙ୍ଗୀ ଗ୍ରାମରେ ହାତୀପଲଙ୍କ ଦୌରାତ୍ମ୍ୟ



କାମାକ୍ଷାନଗର(ମହାଭାରତ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କାଦୁଆ ପଞ୍ଚାୟତର ସମାଟାଙ୍ଗି ଗ୍ରାମ ମଧ୍ୟରେ ୧୨ ଘରିଆ ହାତୀ ପଲ ଉତ୍ପାତ କରୁଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ ହାତୀ ପଲକୁ ଘଉଡାଇବାକୁ ଉଦ୍ୟମ କରିଥିବା ବେଳେ ଏଥିପ୍ରତି ସେମାନଙ୍କର ଭ୍ରୁକ୍ଷେପ ନାହିଁ। ଗ୍ରାମ ମଧ୍ୟରେ ଥିବା ବୁଦାରେ ୮ଟି ହାତୀ ରହିଥିବା ବେଳେ ୪ଟି ହାତୀ ଗ୍ରାମ ସନ୍ନିକଟ ଜଙ୍ଗଲକୁ ଚାଲି ଯାଇଥିବାରୁ ଏବେ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଏବେ ବନ କର୍ମଚାରୀ ହାତୀ ପଲଙ୍କୁ ଜଗି ରହିଛନ୍ତି। ପଶ୍ଚିମାଞ୍ଚଳ ରେଞ୍ଜର ସମାଟାଙ୍ଗି ଗାଁରେ ହାତୀପଲ ଥିବା ଖବର ପାଇ କାମାକ୍ଷାନଗର ବନ ବିଭାଗ ଘଉଡାଇବାକୁ ଉଦ୍ୟମ କରୁଥିବାବେଳେ ଦିନ ହୋଇଯାଇଥିବାରୁ ହାତୀ ଦଳ ଗ୍ରାମ ମଧ୍ୟରେ ଥିବା ବୁଦାରେ ରହିଯାଇଛନ୍ତି।

# ଗୋରିଆ ନଦୀ ପୋଲ ଉପରେ ୫ ଫୁଟ ପାଣି

## ରାଇରଙ୍ଗପୁର - ଅଁଳାଯୋଡି ଯୋଗାଯୋଗ ବିଚ୍ଛିନ୍ନ



ରାଇରଙ୍ଗପୁର (ମହାଭାରତ):ରାଇରଙ୍ଗପୁର ସହରଠାରୁ ୪ କିମି ଦୂର ଧୁ ଙ୍ଗିଆଡି - ଅଁଳାଯୋଡି ରେଳଷ୍ଟେସନ ମୁଖ୍ୟ ରାସ୍ତା ଧୁ ଙ୍ଗିଆଡିର ନବ ନିର୍ମିତ ପୋଲ ଉପରେ ୫ ଫୁଟ ଉଚ୍ଚରେ ପାଣି ଯାଉଛି । ଦୁଇ ଦିନ ହେଲା ଲଗାଣ ବର୍ଷା ଲାଗି ରହିଛି । ଯାହାଫଳରେ ରାଇରଙ୍ଗପୁର - ଅଁଳାଯୋଡି ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଅଁଳା ଯୋଡ଼ି ପଞ୍ଚାୟତ ସମେତ ଆଖପାଖ ୫ ଟି ପଞ୍ଚାୟତ ବାସୀଙ୍କ ଗମନାଗମନ ପ୍ରଭାବିତ ହୋଇଛି । ପୋଲ ସନ୍ନିକଟ ୪/୫ ଟି ଦୋକାନରେ ପାଣି ପଶିଯାଇଛି ।ସୂଚନାଯୋଗ୍ୟ ଆଜି ହଠାତ୍ ସକାଳୁ ନଦୀରେ ପାଣି ଜୋରସୋରରେ ଆସିଥିଲା । ଆଖପାଖ ଅଂଚଳର ବୁଡି ଯାଇଥିଲା ।ପୋଲ ଉପରେ ୫ ଫୁଟ ପାଣି ବୋହୁ ଥିଲା ।ଠିକାଦାରଙ୍କ ଗୋଦାମ ଘରେ ଥିବା ୧୦୦ବସ୍ତା ସିମେଣ୍ଟ, ରଡ଼, ସେଣ୍ଟରିଙ୍ଗ ସାମାନ ସବୁ ଭାସି ଯାଇଛି। ମେସିନ ଗୁଡିକ ପାଣିରେ ବୁଡି ଯାଇଛି ।ଶ୍ରମିକମାନେ ଭୟରେ ଜୀବନ ବଞ୍ଚାଇବାକୁ ଯାଇ ଦୌଡି ପଳାଇ ଯାଇଥିଲେ । ସାଧାରଣ ଲୋକେଯିବା ଆସିବା କରି ନ ପାରି ହଇରାଣ ହରକତ ହେଉଥିବାର ଲକ୍ଷ୍ୟ କରାଯାଉଥିଲା । ଏଭଳି ବନ୍ୟା ୩୦/୪୦ ବର୍ଷ ହେଲା କେହି ଦେଖି ନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଓ ପ୍ରତ୍ୟକ୍ଷଦର୍ଶୀ କୁହନ୍ତି ।ସକାଳ ହୋଇଥିବା ଯୋଗୁଁ ଲୋକେ ନିଜକୁ ରକ୍ଷା କରିଥିଲେ। ଯଦି ରାତି ହୋଇଥାନ୍ତା ତାହାଲେ କ'ଣ କରିଥାନ୍ତେ । ଆଗକୁ ପୁଣି ଲଗାଣ ବର୍ଷା ଓ ୨ ଟି ଲଘୁଚାପ ଅଛି ଯେସେତେବେଳେ ପରିସ୍ଥିତି କ'ଣ ହେବ । ତେଣୁ ପ୍ରଶାସନ କୁ ଏଥିପ୍ରତି ଆଗକୁ ସତର୍କ ଅବଲମ୍ବନ କରିବାକୁ ପଡ଼ିବ ।

## ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ୧୫୧ ୟୁନିଟ ସଂଗ୍ରହ




ସମ୍ବଲପୁର: ସମ୍ବଲପୁରର ହୀରାକୁଦ କଲୋନୀ ସ୍ଥିତ ରୋଟାରୀ କ୍ଲବର କାର୍ଯ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଆୟୋଜିତ ହୋଇଯାଇଛି। ନୂତନ ରୋଟାରୀ ବର୍ଷର ଆରମ୍ଭ ଅବସରରେ ଆୟୋଜିତ ଏହି ରକ୍ତଦାନ ଶିବର ଅଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ର, ସଚିବ ଦେବାଶିଷ ରାୟଗୁରୁ ସଂଯୋଜନା କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ର ଡାକ୍ତର ଓ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିବା ବେଳେ କ୍ଲବର ସଦସ୍ୟ, ସଦସ୍ୟା ଏବଂ ଜନତା ସ୍ୱତଃ ପ୍ରବୃତ୍ତ ଭାବରେ ରକ୍ତ ଦାନ କରିଥିଲେ। ଶିବିରରେ ସମୁଦାୟ ୧୫୧ ୟୁନିଟି ରକ୍ତ ସଂଗ୍ରହ କରାଯାଇ ରକ୍ତ ଭଣ୍ଡାରକୁ ଦାନ କରାଯାଇଛି।ଶିବିରରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଏବଂ ଡାକ୍ତର ଦିବସ ଉପଲକ୍ଷେ କ୍ଲବର ସଦସ୍ୟ ଥିବା ସମସ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଡାକ୍ତର ମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନାରେ ଉପ ସଭାପତି ଶ୍ରୀକାନ୍ତ ମୁଖାର୍ଜୀ, କୋଷାଧ୍ୟକ୍ଷ ରଞ୍ଜିତ ସିଂ, ବରିଷ୍ଠ ସଦସ୍ୟ ଉଦିତ ପ୍ରସାଦ ବାବୁ, ରାଜକିଶୋର ଦାସ, ଏ. ଏମ. ତରାଜ, ଦାମୋଦର କର, ପ୍ରବୀଣ ସୂରୀ, ତୁଷାର ପ୍ରଧାନ, ଟି. ଏସ. ମଣି, ବିକ୍ରମ ସେନାପତି, ସୁଜିତ ପାଣିଗ୍ରାହୀ, ଦୁର୍ଗା ଶଙ୍କର ଶତପଥୀ, ଅନନ୍ୟା ନାୟକ, ସୁଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଆସନ୍ନ ପ୍ରସବାଙ୍କୁ ଖଟରେ ବୋହିନେଲେ ବିଧାୟକଙ୍କ ପ୍ରତିନିଧି ଓ ମଣ୍ଡଳ ସଭାପତି



ଫୁଲବାଣୀ: କାଦୁଅ ପଚପଚ ରାସ୍ତାରେ ୬ କିଲୋମିଟର ବାଟ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି ସ୍ଥାନୀୟ ବିଧାୟକ ଓ ମଣ୍ଡଳ ସଭାପତି। ତତ ସହିତ ରାସ୍ତାର ଦୁରାବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ ଯଥାଶୀଘ୍ର ରାସ୍ତା କାମ ସାରିବାକୁ ଦାବୀ ମଧ୍ୟ କରିଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଂଚାୟତ ଅନ୍ତର୍ଗତ କଟାପଙ୍ଗା ଠାରୁ ଡମାଙ୍ଗପଦର ଗ୍ରାମ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତା ବର୍ଷାଦିନ ମାନଙ୍କରେ କାଦୁଅରେ ଭରି ଯାଉଛି। ଏହି ରାସ୍ତାଟି ପ୍ରଥମେ ଏକ ପାଦଚଲା ରାସ୍ତା ଭାବେ ବ୍ୟବହୃତ ହେଉଥିଲା। ସୁମରବନ୍ଧ ପଂଚାୟତର ୧୧ ଗୋଟି ୱାର୍ଡର ୪ ହଜାରରୁ ଅଧିକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ।ବିଗତ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତା ନିର୍ମାଣ ପାଇଁ ୪ କୋଟିରୁ ଉର୍ଦ୍ଧ ଟଙ୍କା ମଞ୍ଜୁର ହେବା ପରେ ଆର ଡି ବିଭାଗ ରାସ୍ତା ତଦାରଖ କାର୍ଯ୍ୟ କରିଥିଲେ। ସୁମରବନ୍ଧ ପଂଚାୟତ ଫିରିଙ୍ଗିଆ ବ୍ଲକର ଶେଷ ମୁଣ୍ଡରେ ଥିବା ପଂଚାୟତ ହୋଇଥିବା ବେଳେ ଅଞ୍ଚଳଟି ଏକ ଦୁର୍ଗମ ଅଂଚଳ ତଥା ଉପାନ୍ତ ଅଂଚଳ ହୋଇଥିବାରୁ ରାସ୍ତା ନିର୍ମାଣ ହେଉଥିବା ଜାଣି ଅଞ୍ଚଳବାସୀ ବେସ ଆନନ୍ଦିତ ହୋଇଥିଲେ। ହେଲେ ବର୍ଷ ବର୍ଷ ବିତିଯାଉଥିଲେ ସୁଦ୍ଧା ରାସ୍ତା କାମ ଆଗକୁ ଆଗେଇ ପାରୁନଥିବାରୁ ରାସ୍ତାକୁ ନେଇ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । କାର୍ଯ୍ୟ କରୁଥିବା ଠିକାଦାର ୮ କିଲୋମିଟର ଯାଏ କେବଳ ମାଟି ପକେଇ ଦେଇ ଚୁପ ବସିଛି। ବର୍ଷାଦିନ ଆସିଲେ ଏହି ରାସ୍ତା ଉପରେ ଚଳପ୍ରଚଳ କରିବା ସେମାନଙ୍କ ପାଇଁ ବଡ଼ କଷ୍ଟ କାର୍ଯ୍ୟ ହୋଇ ପଡିଛି। ରାସ୍ତା ଉପରେ ଗାଡି ମଟର ଚାଲିବା ତ ଦୂରର କଥା ସାଧାରଣ ଲୋକ ମଧ୍ୟ ଚାଲିବା କାଠିକର ପାଠ ହୋଇପଡିଛି। ଅନେକ ସମୟରେ ଗୁରୁତର ରୋଗୀ, ଗର୍ଭବତୀ ମହିଳା ଓ ପ୍ରସୂତି ମହିଳା ମାନଙ୍କୁ ଖଟିଆ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇଲେ ଡାକ୍ତରଖାନା ନେବା ସମ୍ଭବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶୀଘ୍ର ଶେଷ କରିବାକୁ ଅଞ୍ଚଳବାସୀ ପ୍ରଶାସନକୁ ଯେତେ ଗୁହାରୀ କରିଥିଲେ ମଧ୍ୟ ସେମାନଙ୍କ ସମସ୍ୟା ବୁଝିବାକୁ କେହି ହେଲେ ଆଗେଇ ଆସୁନାହାନ୍ତି ।ମୁରଡ଼ି ଗ୍ରାମର ଝିମି ମଳିକ (୨୬) ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ବେଦନା ପାଇବାରୁ ସ୍ଥାନୀୟ ନୂଆ ପଦର ମଣ୍ଡଳ ସଭାପତି ଦେବେଶ୍ୱର ଦ୍ୱୀପଙ୍କୁ ସୂଚନା ଦେଇଥିଲେ। ମହିଳାଙ୍କ ସ୍ୱାମୀ ରାମଚନ୍ଦ୍ର କହଁର କୌଣସି ଏକ ଭୁଲ କରି କାରାଗାରରେ ବନ୍ଦୀ ରହିଥିବା ବେଳେ ମହିଳାଙ୍କ ସାହାଯ୍ୟ ପାଇଁ ପରିବାରରେ ଆଉ କୌଣସି ସଦସ୍ୟ ନାହାନ୍ତି। ଏପରି ସ୍ଥିତିରେ ତାକୁ କିଏ ସାହାଯ୍ୟ କରିବ? ଏ ଖବରଟି ଦେବେଶ୍ୱର ଦ୍ୱୀପ ଜଣାଇବା ପରେ ଘଟଣାସ୍ଥଳରେ ଆସି ପହଂଚିଥିଲେ। ପରେ ବିଧାୟକ ପ୍ରତିନିଧି ପ୍ରସାନ୍ତ କମ୍ପ, ସୁମରବନ୍ଧ ସରପଞ୍ଚ ସୁଶୀଳା କହଁର, ଆଶା ଦିଦି ରଜନୀ କହଁର, ସମାଜସେବୀ ବିଗ କହଁର ପ୍ରମୁଖ ଝିମିଙ୍କ ଘରେ ପହଂଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ଖଟିଆ ଭାର କରି ତହିଁରେ ଝିମିଙ୍କୁ କାଦୁଅ ପଚପଚ ରାସ୍ତାରେ ୬ କିଲୋମିଟର ବୋହି ଆମ୍ବୁଲାନ୍ସ ପାଖରେ ପହଞ୍ଚାଇଥିଲେ।

## ଫାଇଲେରିଆ ମୁକ୍ତ ଆଠଗଡ଼ ନିମନ୍ତେ ସ୍ୱତନ୍ତ୍ର କର୍ମଶାଳା

ଆଠଗଡ଼: ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଆନୁକୁଲ୍ୟରେ ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ଫାଇଲେରିଆ ବା ବାତଜ୍ୱର ନିରାକରଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଆଠଗଡକୁ ଫାଇଲେରିଆ ମୁକ୍ତ କରିବା ନିମନ୍ତେ ସ୍ୱାସ୍ଥ୍ୟଶିକ୍ଷା, ସଚେତନତା ଓ ଜନଜାଗରଣ ଅଭିଯାନ ଲକ୍ଷ ନେଇ ଏହି ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଯାଇଛି। ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ୍ ଅସଲମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ସମସ୍ତ ୱାର୍ଡ଼ର କାଉନସିଲର, ସ୍ୱସାଥୀ, ସ୍ୱସ୍ଥସାଥୀ ପରିଦର୍ଶିକା, ସ୍ୱଚ୍ଛକର୍ମୀ, ବିଓଭି ଚାଳକମାନେ ଯୋଗଦାନ କରିଥିଲେ। ଆଠଗଡ଼ରେ ଫାଇଲେରିଆ ଆକ୍ରାନ୍ତ ଅଧିକ ରହିଥିବାରୁ କିପରି ଆଠଗଡ଼ରୁ ଏହି ରୋଗର ପ୍ରାଦୁର୍ଭାବକୁ ଦୂର କରାଯାଇପାରିବ ବିଭିନ୍ନ ସ୍ଥାନରେ ସଚେତନତା ସହ ମଶାର ବଂଶକୁ କିପରି ନିୟନ୍ତ୍ରଣ କରାଯିବ ଇତ୍ୟାଦି ବିଭିନ୍ନ ସ୍ତରରେ କାର୍ଯ୍ୟ ଜାରି ରଖାଯାଇଛି। ଏଥିନିମନ୍ତେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଏକ ୬ ମାସିକ ପ୍ରକଳ୍ପ ହାତକୁ ନେଇ ସମସ୍ତଙ୍କ ସହଯୋଗରେ ଏହାର ସଫଳ ରୂପାୟନ ଲାଗି ପ୍ରୟାସ ଜାରି ରଖିଛନ୍ତି। କର୍ମଶାଳାରେ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ପ୍ରକଳ୍ପ ଅନୁସନ୍ଧାନ ବୈଜ୍ଞାନିକ ଅନନ୍ୟା ଅନୁରକ୍ତା ପଟ୍ଟନାୟକ ଓ ସହଯୋଗୀ ମୋନିକା ଯୋଗଦେଇ ଏହି ବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଏନଏସିର ସମସ୍ତ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଏନ୍ଏସି ଅଧ୍ୟକ୍ଷା ,ଉପାଧ୍ୟକ୍ଷ, ସମସ୍ତ କାଉନସିଲର ଏବଂ କର୍ମଚାରୀ କିପରି ମିଳିମିଶି ଜନସାଧାରଣଙ୍କ ସହଯୋଗରେ ଆଠଗଡକୁ ଫାଇଲେରିଆ ମୁକ୍ତ କରିବା ନିମନ୍ତେ ସଂକଳ୍ପ ନେଇ ଶପଥ ପାଠ କରିଥିଲେ।

# ଚାନ୍ଦବାଲି ମେଡିକାଲ୍ ଭିତରେ ଲହଡ଼ି ମାରୁଛି ବର୍ଷା ପାଣି

ଚାନ୍ଦବାଲି: ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୫ ତାଲା ବିଶିଷ୍ଟ ଏହି ମେଡିକାଲ୍ ଶିଡ଼ିରେ ପାଣି ଖସିବା କାରଣରୁ ରୋଗୀ ସେବା ବାଧା ପ୍ରାପ୍ତ ହେବା ସହିତ ମେଡିକାଲ୍ ଉପରୁ ତଳ ପର୍ଯ୍ୟନ୍ତ ସବୁଠି ଲହଡ଼ି ମାରୁଛି ବର୍ଷା ପାଣି ।ମେଡ଼ିକାଲ ଭିତରେ ବର୍ଷା ପାଣି ଲହଡ଼ି ମାରିବା ସହିତ ରୋଗୀଙ୍କ ଠାରୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ସମସ୍ତେ ନାକେଦମ୍ ହୋଇ ଗଲେଣି। ୧୨ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ। ତେବେ ମେଡିକାଲ୍ କାର୍ଯ୍ୟଟି ସମ୍ପୂର୍ଣ ହୋଇନଥିବା ବେଳେ ତରବରିଆ ଭାବରେ ଉଦଘାଟନ କରାଯାଇଥିଲା।



ଉଦ୍ଘାଟନ ପରେ ମେଡ଼ିକାଲଟି କାର୍ଯ୍ୟକ୍ଷମ ହେଲା ସତ ମାତ୍ର ଉପର ମହଲା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା କାରଣରୁ ଏବେ ମେଡିକାଲ୍ ଛାତରୁ ବର୍ଷା ପାଣି ଖସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ବର୍ଷା ହେବା ମାତ୍ରେ ଉପର ମହଲାରୁ ଶିଡି ବାଟ ଦେଇ ସିଧା ସଳଖ ଗ୍ରାଉଣ୍ଡ ଫ୍ଲୋରକୁ ପାଣି ଖସିବା କାରଣରୁ ରୋଗୀ ମାନେ ଶିଡିରେ ଯାତାୟତ କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେବେ ଦୀର୍ଘ ସମୟ ଧରି ବର୍ଷା ହେବା ଫଳରେ ମେଡିକାଲ୍ ପରିସରରେ ସମ୍ପୂର୍ଣ୍ଣ ପାଣି ଜମି ରହିବା କାରଣରୁ ରୋଗୀ ସେବା ଏକ ପ୍ରକାର ବାଧା ପ୍ରାପ୍ତ ହେବା ସହିତ ଅଧିକାଂଶ ଲୋକେ ଶିଡିରୁ ପଡ଼ି ଯାଉଥିବା ମଧ୍ୟ ଅଭିଯୋଗ ହୋଇଛି ।ତେବେ ଏହି ସମସ୍ୟାର କୌଣସି ସମାଧାନ କରାନଯାଏ ତାହେଲେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବା ଆହୁରି ବିପର୍ଯ୍ୟସ୍ତ ହେବା ସହିତ ମେଡ଼ିକାଲକୁ ଆସୁଥିବା ଥିବା ଲୋକେ ଯେ ଶିଡିରୁ ଖସି ମୃତ୍ୟୁ ବରଣ ନକରିବେ ତାହା କହିହେବ ନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ କିଭଳି ଏହାର ସ୍ଥାୟୀ ସମାଧାନ କରିହେବ ସେଥିପ୍ରତି ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଚାନ୍ଦବାଲିବାସୀ ଦାବି କରିଛନ୍ତି।

# ବିଧବା ମହିଳାଙ୍କୁ କୋଦାଳରେ ହାଣି ବିଭତ୍ସ ହତ୍ୟା

ପାଟଣା: କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ପଞ୍ଚାୟତର ଫୁଲପାହାଡ଼ି ଗ୍ରାମ ଭାଲୁଘରା ସାହିର ଜନୈକ ୫୫ ବର୍ଷୀୟା ବିଧବା ମହିଳାଙ୍କୁ କୋଦାଳରେ ହାଣି ବିଭତ୍ସ ଭାବେ ହତ୍ୟା କରାଯାଇଛି ।ସୂଚନା ଅନୁସାରେ, ମୃତ ବିଧବା ମହିଳା ଜଣକ ହେଉଛନ୍ତି ତୁଳସୀ ହେମ୍ବ୍ରମ। ସେହି ସାହିର ୪୫ ବର୍ଷୀୟ ମାନସିକ ବିକାରଗ୍ରସ୍ତ ଯୁବକ ଗେଡୁ ନାଏକ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି। ସେ କୋଦାଳରେ ଖଣ୍ଡ ଖଣ୍ଡ କରି ହାଣିବା ସହିତ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଛି। ସ୍ଥାନୀୟ ଗ୍ରାମବାସୀ ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପାଟଣା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଗେଡୁ ନାଏକ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ମୃତ ଶରୀରକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ଗେଡୁକୁ ଅଟକ ରଖି ପଚରାଉଚରା ଜାରି ରହିଛି ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି।

# ୪୪ କେଜି ଗଂଜେଇ ଜବତ, ୬ ଗିରଫ

ଫୁଲବାଣୀ: ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୪ କେଜି ଗଂଜେଇ ଜବତ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଅବକାରୀ ପୁଲିସ ଗିରଫ କରିଛି। ଗଂଜେଇ ଚାଲାଣରେ ବ୍ୟବହାର ହୋଇଥିବା କାର, ସ୍କୁଟି ଏବଂ ବାଇକ ମଧ୍ୟ ଜବତ ହୋଇଛି ।ସୂଚନା ଅନୁଯାୟୀ, ଏକ କାରରେ ଗଂଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିବା ପରେ ଜି ଉଦୟଗିରି ଥାନା କଳିଙ୍ଗା ଘାଟିରେ ଅବକାରୀ ଅଧିକାରୀ ଗାଡି ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୧୭ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଗୋଛାପଡା ଥାନା କଟ୍ରିଙ୍ଗିଆ ପଂଚାୟତ କାଣାପାଟି ଗ୍ରାମର ଦୁଃଶାସନ ଦିଗାଳ ଓ ରାଜେନ୍ଦ୍ର ଦିଗାଳ, ବେଲପଦର ଅଂଚଳର ସୁଧୀର ବେହେରାଙ୍କୁ ଗିରଫ କରାଯାଇଛି। ସେହିପରି କଳିଙ୍ଗା ଛକରେ ଏକ ସ୍କୁଟିରୁ ୧୦ କେଜି ଗଂଜେଇ ଜବତ କରାଯାଇ ଗଞ୍ଜାମ ଜିଲ୍ଲା ରମ୍ଭା ଅଂଚଳର ମୁକେଶ ବେହେରାଙ୍କୁ ଗିରଫ କରାଯାଇଛି। ଅନ୍ୟ ଏକ ଘଟଣାରେ ସାରଙ୍ଗଗଡ଼ ଥାନା ବଣ୍ଡଗୁଡା ଛକରେ ଏକ ବାଇକରୁ ୧୭ କେଜି ଗଂଜେଇ ଜବତ କରାଯାଇଛି। ଏହି ଘଟଣାରେ ବଣ୍ଡଗୁଡା ଅଂଚଳର ସୁଦୟ ଦିଗାଳ ଓ ରଞ୍ଜନ ଦିଗାଳଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧିକ୍ଷକ ସୁଶାନ୍ତ ପାଢ଼ୀ ସୂଚନା ଦେଇଛନ୍ତି।

## ତେଲେଙ୍ଗାନା ଫାର୍ମା ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୪ ଓଡ଼ିଆ ଶ୍ରମିକ ମୃତ



ତେଲେଙ୍ଗାନା : ତେଲେଙ୍ଗାନା ସାଙ୍ଗାରେଡ୍ଡି ଜିଲ୍ଲାରେ ଫାର୍ମା ଫ୍ୟାକ୍ଟ୍ରି ବିସ୍ଫୋରଣରେ ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକମାନେ ହେଲେ କଟକ ତିଗିରିଆର ଲଗ୍ନଜିତ ଦୁଆରି, ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନମୋହନ, ବାଲେଶ୍ୱରର ମନୋଜ ରାଉତ ଏବଂ ଯାଜପୁରର ଦୋଳଗୋବିନ୍ଦ ସାହୁ । ଏହା ବ୍ୟତୀତ ଘଟଣାରେ ୩ ଓଡ଼ିଆ ମଧ୍ୟ ଆହତ ହୋଇଛନ୍ତି । ସେମାନେ ହେଲେ ଗଞ୍ଜାମର ସମୀର ପାଢ଼ୀ, ନବରଙ୍ଗପୁରର ନୀଳାମ୍ବର ଭଦ୍ରା ଓ ଭଦ୍ରକର ଚନ୍ଦନ କୁମାର ନାୟକ । ସୂଚନାନୁଯାୟୀ, ରବିବାର ଦିନ ସାଙ୍ଗାରେଡ୍ଡି ଜିଲ୍ଲାରେ ଥିବା ସିଗାଚି ଇଣ୍ଡଷ୍ଟ୍ରିର ଫାର୍ମା ଫ୍ୟାକ୍ଟ୍ରିରେ ବିସ୍ଫୋରଣ ହୋଇଥିଲା । ଏହି ଫ୍ୟାକ୍ଟ୍ରିରେ ବିହାର, ଉତ୍ତରପ୍ରଦେଶ ଓ ଓଡ଼ିଶାର ପ୍ରବାସୀ ଶ୍ରମିକ କାର୍ଯ୍ୟ କରୁଥିଲେ । ଏହି ବିସ୍ଫୋରଣରେ ୩୪ ରୁ ଅଧିକ ଲୋକଙ୍କ ଜୀବନ ଚାଲିଯାଇଥିଲା । ସେମାନଙ୍କ ମଧ୍ୟରୁ ୪ଜଣ ଓଡିଆ ଲୋକ ଥିବା ଜଣାପଡିଛି । ଯାହା ସମଗ୍ର ଦେଶକୁ ଥରାଇ ଦେଇଛି ।

## ଇସ୍କନ ମନ୍ଦିର ଉପରେ ଗୁଳିମାଡ


ISKCON @iskcon
The ISKCON Sri Sri Radha Krishna Temple in Spanish Fork, Utah (USA), world-famous for its Holi Festival, has recently come under attack in suspected hate crimes. Over the past several days, 20–30 bullets were fired at the temple building and the surrounding property. The incidents occurred during nighttime hours, while devotees and guests were present inside, and have resulted in thousands of dollars in structural damage, including to the temple's hand-carved arches.
iskconnews.org/krishna-temple...


ଆମେରିକା : ଇସ୍କନ ମନ୍ଦିର ଉପରେ ଗୁଳିମାଡ଼। ଆମେରିକା ଉଟାହର ସ୍ପାନିଶ ଫୋର୍କ ଇସ୍କନ ରାଧା କୃଷ୍ଣ ମନ୍ଦିରରେ ୨୦ରୁ୩୦ ଗୁଳିମାଡ ହୋଇଛି । ଫାୟାରିଂରେ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତକାଲି ମନ୍ଦିର ଭିତରେ ଭକ୍ତ ଓ ଅତିଥିମାନେ ଉପସ୍ଥିତ ଥିବା ବେଳେ ଗୁଳିମାଡ ହୋଇଥିବା ଇସ୍କନ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟ ପୂଜା ହଲର କାନ୍ଥକୁ ଭେଦ କରିଛି ଗୁଳି। ଫଳରେ ଭକ୍ତଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ତଦନ୍ତକାରୀ ସଂସ୍ଥା ଋଇଓ ଘଟଣାର ତଦନ୍ତ କରୁଛି । ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଉଛି। ଇସ୍କନ ମନ୍ଦିର ଅଧିକାରୀ ସ୍ଥାନୀୟ ସମୁଦାୟଙ୍କ ବୈଠକ ଡାକିଛନ୍ତି । ମନ୍ଦିର ପରିସରରେ ସୁରକ୍ଷା ବୃଦ୍ଧି ପାଇଁ ଅତିରିକ୍ତ ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି। ଏ ପର୍ଯ୍ୟନ୍ତ କାହରିକୁ ଗିରଫ କରାଯାଇ ନାହିଁ । ଭାରତ ସରକାର ଏହି ଘଟଣାରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ନବୀକରଣ



ରାଜ ନିବାସ ମାର୍ଗରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସରକାରୀ ବାସଭବନ ବଙ୍ଗଳା ନମ୍ବର ୧ର ନବୀକରଣ ହେବ। ଏଥିପାଇଁ ମୋଟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ନୋଟିସରେ ନବୀକରଣର ଫୋକସ ବୈଦ୍ୟୁତକ ସରଞ୍ଜାମ ଖଞ୍ଜିବା ଉପରେ ରହିଛି। ନବୀକରଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହା ଜୁଲାଇ ୪ରୁ ଉପଲବ୍ଧ ହେବ। ନବୀକରଣ କାମ ୬୦ ଦିନ ମଧ୍ୟରେ ସରିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ବଙ୍ଗଳା ନମ୍ବର ୧ ଓ ୨ ମିଳିଛି। ବଙ୍ଗଳା ନମ୍ବର ୧ରେ ସେ ନିଜେ ପରିବାର ସହ ରହିବେ। ବଙ୍ଗଳା ନମ୍ବର ୨ କ୍ୟାମ୍ପ ଅଫିସ ଭାବେ ବ୍ୟବହାର ହେବ। ଜୁନ ୨୮ରେ ଜାରି ହୋଇଥିବା ଟେଣ୍ଡର ନୋଟିସରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ମୋଟ ୯.୩ ଲକ୍ଷ ଟଙ୍କାରେ ୫ଟି ଟିଭି ଲାଗିବ। ଟିଭି ଗୁଡ଼ିକ ୪କେ ବର୍ଗର ରହିବ। ୧୪ଟି ଏସି ପାଇଁ ୭.୭ ଲକ୍ଷ ଓ ୫.୬୪ ଲକ୍ଷ ଟଙ୍କାରେ ୧୪ଟି ସିସିଟିଭି ଲଗାଯିବ। ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ୨ ଲକ୍ଷ ଟଙ୍କାର ୟୁପିଏସ୍ ? ଖଞ୍ଜାଯିବ। ଅତିରିକ୍ତ ଭାବେ ରିମୋଟି ଚାଳିତ ୨୩ଟି ସିଲିଂ ଫ୍ୟାନ ପାଇଁ ୧.୮ ଲକ୍ଷ, ଗୋଟିଏ ଓଭେନ ଟୋଷ୍ଟ ଗ୍ରୀଲ ପାଇଁ ୮୫ ହଜାର, ୭୭ ହଜାର ଟଙ୍କାରେ ଗୋଟିଏ ସ୍ୱୟଂ ଚାଳିତ ୱାଶିଂମେସିନ, ୬୦ ହଜାର ଟଙ୍କାରେ ଗୋଟିଏ ଡିସୱାଶର, ୬୩ ହଜାର ଟଙ୍କାର ଗ୍ୟାସ ଷ୍ଟୋଭ, ୩୨ ହଜାର ଟଙ୍କାରେ ମାଇକ୍ରୋୱେଭସ ଓ ୯୧ ହଜାର ଟଙ୍କାରେ ୬ଟି ଗିଜର ପାଇଁ ଖର୍ଚ୍ଚ କରାଯିବ। ୧୧୫ଟି ଲ୍ୟାମ୍ପ, କାନ୍ଥ ଲାଇଟର୍ସ, ଝୁଲନ୍ତା ଲାଇଟ ଓ ୩ଟି ବଡ଼ ଚାନ୍ଦିଲା ଲଗାଇବା ପାଇଁ ୬,୦୩,୯୩୯ ଟଙ୍କା ଖର୍ଚ୍ଚ ହେବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଫେବୃଆରୀ ମାସରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଗୁପ୍ତା ବର୍ତ୍ତମାନ ନିଜର ଶାଲିମାର ବାଗ ଘରେ ରହୁଛନ୍ତି। ସେ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଖାଲି କରିଥିବା ବାସଭବନରେ ରହିବାକୁ ମନା କରି ଦେଇଥିଲେ। ୬ ଫ୍ଲାଗଷ୍ଟାଫ ରୋଡରେ ଥିବା କେଜ୍ରିୱାଲଙ୍କ ଘରକୁ ବିଜେପି ନିର୍ବାଚନ ବେଳେ ଶୀଶମହଲ ବୋଲି କହି କଟାକ୍ଷ କରୁଥିଲା। ବିଜେପି କ୍ଷମତାକୁ ଆସିବା ପରେ ଏହାକୁ ମ୍ୟୁଜିୟମରେ ପରିଣତ କରିବ ବୋଲି କହିଛି।

# ଉଡ଼ାଣ ଭରିବା ସମୟରେ ବିମାନ ଭିତରୁ ହଠାତ୍ ବାହାରିଲା ସାପ, ୨ ଘଣ୍ଟା ଅଟକି ରହିଲା ବିମାନ



ଅଷ୍ଟ୍ରେଲିଆ : ଉଡାଣ ଭରିବା ପାଇଁ ପ୍ରସ୍ତୁତ ଥାଏ ବିମାନ । ଜଣକ ପରେ ଜଣେ ଯାତ୍ରୀ ଚଢୁଥାନ୍ତି ବିମାନରେ । ଏହି ସମୟରେ ବିମାନ ଭିତରୁ ହଠାତ୍ ବାହାରିଲା ସାପ । ଯାହାପରେ ସୃଷ୍ଟି ହୋଇଥିଲା ଭୟର ବାତାବରଣ । ଯାତ୍ରୀମାନେ ଭୟରେ ଚିତ୍କାର କରି ଏଣେ ତେଣେ ଦୌଡ଼ିବାକୁ ଲାଗିଥିଲେ । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ବିମାନବନ୍ଦରରୁ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ଏକ ଘରୋଇ ବିମାନର କାର୍ଗୋ ହୋଲ୍ଡରେ ଏକ ଜୀବନ୍ତ ସାପ ଦେଖାଯିବା ପରେ ହଇଚଇ ସୃଷ୍ଟି ହୋଇଥିଲା । ଏହି ଘଟଣା ମଙ୍ଗଳବାର ଦିନ ମେଲବୋର୍ଣ୍ଣରୁ ବ୍ରିସବେନ ଯାଉଥିବା ଭର୍ଜିନ୍ ଅଷ୍ଟ୍ରେଲିଆ ବିମାନ ୦ଇ୩୩୭ ରେ ଘଟିଥିଲା । ଯାତ୍ରୀମାନେ ବିମାନରେ ଚଢ଼ିବା ସମୟରେ, କ୍ରୁ' ମାନେ ବିମାନର ତଳ ଅଂଶ ଅର୍ଥାତ୍ କାର୍ଗୋ ହୋଲ୍ଡରେ କିଛି ସନ୍ଦେହଜନକ କାର୍ଯ୍ୟକଳାପ ଲକ୍ଷ୍ୟ କରିଥିଲେ । ଆଉ ବିମାନରେ ଏକ ସାପ ଥିବାର ଅନୁମାନ କରାଯାଇଥିଲା । ଯାହାପରେ ତୁରନ୍ତ ଜଣେ ସ୍ଥାନୀୟ ମାର୍କ ପେଲି ନାମକ ଜଣେ ସାପ ଧରାଳିଙ୍କୁ ଡକାଯାଇଥିଲା । ମାର୍କଙ୍କ ଅନୁସାରେ, ସାପଟି ଏକ ପ୍ୟାନେଲ୍ ପଛରେ ଅଧା ଲୁଚି ରହିଥିଲା ଏବଂ ଅନ୍ଧାରରେ ଏହା ବିଷାକ୍ତ କି ନାହିଁ ତାହା ଚିହ୍ନଟ କରିବା କଷ୍ଟକର ଥିଲା । ମାର୍କ କହିଥିଲେ, "ଯେତେବେଳେ ସେ ସାପକୁ ପ୍ରଥମେ ଦେଖିଲେ ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଦେଖାଯାଉଥିଲା । ଯଦି ସେ ପ୍ୟାନେଲ୍ ଭିତରେ କୁଆଡେ ଲୁଚି ଯାଇଥାନ୍ତା, ତେବେ ସମ୍ପୂର୍ଣ୍ଣ ବିମାନକୁ ଖାଲି କରିବାକୁ ପଡ଼ିଥାନ୍ତା ।" ସାପ ଧରାଳି କହିଛନ୍ତି ଯେ ସୌଭାଗ୍ୟବଶତଃ ସେ ପ୍ରଥମ ପ୍ରୟାସରେ ସାପଟିକୁ ଧରିବାରେ ସଫଳ ହୋଇଥିଲେ । ସାପଟି ପ୍ରାୟ ୬୦ ସେମି ଅର୍ଥାତ ପ୍ରାୟ ୨ ଫୁଟ ଲମ୍ବା ଥିଲା । ପରେ ଏହାକୁ ଏକ ଗ୍ରୀନ ଟ୍ରି ସାପ ଭାବରେ ଚିହ୍ନଟ କରାଯାଇଥିଲା, ଯାହା ବିଷାକ୍ତ ନୁହେଁ । କିନ୍ତୁ ଆରମ୍ଭରେ ଏହା ସ୍ପଷ୍ଟ ନଥିଲା ଏବଂ ତେଣୁ ପରିସ୍ଥିତିକୁ ଗମ୍ଭୀରତାର ସହ ନିଆଯାଇଥିଲା । ସାପଟି ମିଳିବା ପରେ, ସୁରକ୍ଷା କାରଣରୁ ବିମାନ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଥିଲା । ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ବିମାନ କମ୍ପାନୀ କ୍ଷମା ମଧ୍ୟ ମାଗିଛନ୍ତି । ସାପ ଧରାଳିଙ୍କ ଅନୁଯାୟୀ, ଯଦି ସେହି ସମୟରେ ସାପଟି ଧରାଯାଇ ନ ଥାନ୍ତା, ତେବେ ଇଞ୍ଜିନିୟରମାନଙ୍କୁ ସମ୍ପୂର୍ଣ୍ଣ ବିମାନର ପ୍ୟାନେଲ ଖୋଲି ସାପକୁ ଖୋଜିବାକୁ ପଡ଼ିଥାନ୍ତା । ଯାହା ଫଳରେ ବିମାନ ଆହୁରି ଅନେକ ଘଣ୍ଟା ବିଳମ୍ବ ହୋଇଥାନ୍ତା । ଏହି ସାପଟି ବ୍ରିସବେନ ଅଞ୍ଚଳର ବୋଲି କୁହାଯାଉଛି । ତେଣୁ ଏହା ଭୁଲବଶତଃ କୌଣସି ଯାତ୍ରୀଙ୍କ ବ୍ୟାଗ କିମ୍ବା ଲଗେଜ୍ ସହିତ ବିମାନରେ ପହଞ୍ଚିଥିବା ଅନୁମାନ କରାଯାଉଛି । କ୍ୱାରେଣ୍ଟାଇନ୍ ନିୟମ ଯୋଗୁଁ, ଏହି ସାପକୁ ଆଉ ଜଙ୍ଗଲରେ ଛାଡିହେବ ନାହିଁ । ଏହାକୁ ଏବେ ଜଣେ ଲାଇସେନ୍ସପ୍ରାପ୍ତ ସାପ ଧରାଳିଙ୍କୁ ହସ୍ତାନ୍ତର କରାଯାଇଛି । ଆପଣଙ୍କୁ କହି ରଖୁଛୁ ଯେ ଅଷ୍ଟ୍ରେଲିଆରେ ଘର ଏବଂ କୌଣସି ସ୍ଥାନରେ ସାପ ମିଳିବା ଘଟଣା ନୂଆ ନୁହେଁ । ଅଷ୍ଟ୍ରେଲିଆକୁ ବିଶ୍ୱର ସବୁଠାରୁ ବିଷାକ୍ତ ସାପମାନଙ୍କର ଘର ବୋଲି କୁହାଯାଏ । ଯଦିଓ ଏଥର ମିଳିଥିବା ସାପଟି ବିଷାକ୍ତ ନଥିଲା, କିନ୍ତୁ ବିମାନ ଭିତରେ ସାପ ମିଳିବା ଘଟଣା ଅତ୍ୟନ୍ତ ଭୟଙ୍କର । ଗତ କିଛି ମାସ ମଧ୍ୟରେ, ଲୋକଙ୍କ ମଧ୍ୟରେ ବିମାନ ପ୍ରତି ଭୟ ସୃଷ୍ଟି ହୋଇଛି । ଗୋଟିଏ ପରେ ଗୋଟିଏ ବିମାନ ଦୁର୍ଘଟଣା ଏବଂ ଯାନ୍ତ୍ରିକ ସମସ୍ୟାର ଖବର ପରେ ଏବେ ବିମାନ ଯାତ୍ରାକୁ ଭୟ କଲେଣି ଲୋକେ । ଅଷ୍ଟ୍ରେଲିଆରେ ମଧ୍ୟ ଏପରି କିଛି ଘଟିଥିଲା ଯାହାପରେ ଯାତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା ।

## ଶେଖ୍ ହସିନାଙ୍କୁ ଜେଲଦଣ୍ଡ

ବାଂଲାଦେଶ: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପାଇଁ ପୁଣି ବଢ଼ିଲା ଅଡୁଆ । ଅଦାଲତ ଅବମାନନା ମାମଲାରେ କୋର୍ଟ ଏବେ ତାଙ୍କୁ ୬ ମାସର ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ବାଂଲାଦେଶର ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ଏହି ଦଣ୍ଡ ଅନ୍ତରାଷ୍ଟ୍ରୀୟ ଅପରାଧ ନ୍ୟାୟାଧିକରଣ କୋର୍ଟ ଦେଇଛନ୍ତି । ବୁଧବାର ଦିନ ତିନି ସଦସ୍ୟ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି । 'ଢାକା ଟ୍ୟୁବ୍ୟୁନ' ରିପୋର୍ଟ ମୁତାବକ ଜଷ୍ଟିସ ମହମ୍ମଦ ଗୁଲାମ ମୁର୍ତଜା ମଜୁମଦାର ଏହି ମାମଲାର ଶୁଣାଣି କରିଛନ୍ତି । ସୂଚନା ମୁତାବକ ଗତବର୍ଷ ଶେଖ ହସିନାଙ୍କ ଏକ ଅଡିଓ କ୍ଲିପ ଲିକ୍ ହୋଇଥିଲା । ଏହି ଅଡିଓ କ୍ଲିପରେ ଶେଖ ହସିନା ଗୋବିନ୍ଦଗଞ୍ଜ ଓପଜିଲ୍ଲା ଚେୟାରମ୍ୟାନ ଶକିଲ ବୁଲବୁଲଙ୍କ ସହ କଥା ହୋଇଥିଲେ । ଏଥିରେ ସେ କହୁଥିଲେ କି ମୋ ବିରୋଧରେ ୨୨୭ ମାମଲା ଦାଖଲ ହୋଇଛି । ତେଣୁ ମୋତେ ଏସବୁ ଲୋକଙ୍କୁ ମାରିବାକୁ ଲାଇସେନ୍ସ ମିଳିଯାଇଛି । ଏହି ମାମଲାରେ ପ୍ରଥମେ ଶକିଲ ବୁଲବୁଲଙ୍କୁ ୨ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ବୁଲବୁଲ ଜଣେ ବରିଷ୍ଠ ରାଜନେତା ଓ ସେ ଆୱାମୀ ଲିଗ ସହ ଜଡିଜ ଛାତ୍ର ଶାଖା ବାଂଲାଦେଶ ଛାତ୍ର ଲିଗ୍ ସହ ଜଡିତ । ୨୦୨୪ ଅଗଷ୍ଟ ମାସରେ ଶେଖ୍ ହସିନାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବିଦା କରାଯାଇଥିଲା । ଏହାପରେ ଷ୍ଟୁଡେଣ୍ଟ ଏଗନେଷ୍ଟ ଡିସକ୍ରିମିନେସନ ତରଫରୁ ବାଂଲାଦେଶରେ ହିଂସକ ପ୍ରଦର୍ଶନ କରାଯାଇଥିଲା । ଏହି ଆନ୍ଦୋଳନ ସରକାରୀ ଚାକିରିରେ ସଂରକ୍ଷଣରେ ପରିବର୍ତ୍ତନକୁ ବିରୋଧ କରି କରାଯାଇଥିଲା । ଏହି ଆନ୍ଦୋଳନରେ ୧୪ ଶହ ଲୋକଙ୍କର ମୃତ୍ୟୁ ହୋଇଥିବା ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।

## ଟ୍ରମ୍ପଙ୍କ ୬୦ଦିନିଆ ଯୁଦ୍ଧ ବିରାମ ଦାବି, ମିଳିପାରିନାହିଁ ହମାସର ପ୍ରତିକ୍ରିୟା

ନୂଆଦିଲ୍ଲୀ : ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ହେବ ୬୦ ଦିନିଆ ଯୁଦ୍ଧବିରତି । ସର୍ତ୍ତମୂଳକ ଯୁଦ୍ଧବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି । ହମାସକୁ ଯୁଦ୍ଧବିରତି ମାନିବାକୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଇସ୍ରାଏଲ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ସର୍ତ୍ତ ମାନିଛି । ହମାସକୁ ଏହି ଚୁକ୍ତି ଗ୍ରହଣ କରିବାକୁ ଆହ୍ୱାନ ଜଣାଇଛନ୍ତି । ନଚେତ୍ ପରିସ୍ଥିତି ଆହୁରି ଖରାପ ହେବ। ତେବେ ଯୁଦ୍ଧବିରତି ନେଇ ହମାସର ପ୍ରତିକ୍ରିୟା ମିଳିନାହିଁ । ଯୁଦ୍ଧବିରତି ନେଇ ଟ୍ରମ୍ପ ଦୀର୍ଘଦିନ ହେଲା ଉଦ୍ୟମ କରିଆସୁଛନ୍ତି । ପୂର୍ବରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଗତ ଜାନୁଆରୀ ୧୫ ତାରିଖରେ ଯୁଦ୍ଧବିରତି ନେଇ ସହମତି ହୋଇଥିଲା । ତେବେ ମାର୍ଚ୍ଚ ୧୮ ତାରିଖରେ ଏହାର ଉଲଂଘନ ହୋଇଥିଲା । ଗାଜାରୁ ଇସ୍ରାଏଲୀ ସୈନ୍ୟର ସମ୍ପୂର୍ଣ୍ଣ ପ୍ରତ୍ୟାହାର ସହ ମାନବୀୟ ସହାୟତା ପାଇଁ ହମାସ ଦାବି କରିଆସୁଛି । ୨୦୨୩ ମସିହା ଅକ୍ଟୋବରରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା ହମାସ । ଏଥିରେ ୧୨ ଶହ ଇସ୍ରାଏଲ ନାଗରିକ ପ୍ରାଣ ହରାଇଥିଲେ । ୨୫୧ ଜଣଙ୍କୁ ପଣବନ୍ଦୀ କରାଯାଇଥିଲା । ପରେ ହମାସ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ କରିଆସୁଛି ଇସ୍ରାଏଲ । ଓଉରର ଆକ୍ରମଣରେ ଗାଜାରେ ୫୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ।

## ସଂସଦର ସୁରକ୍ଷାରେ ତ୍ରୁଟି ମାମଲା: ଦୁଇ ଅଭିଯୁକ୍ତଙ୍କୁ ଜାମିନ୍ ଦେଲେ ଦିଲ୍ଲୀ ହାଇକୋର୍ଟ



ନୂଆଦିଲ୍ଲୀ : ସଂସଦର ସୁରକ୍ଷାରେ ତ୍ରୁଟି ମାମଲାରେ ଆସିଛି ବଡ଼ ଅପଡେଟ୍ । ଦିଲ୍ଲୀ ହାଇକୋର୍ଟ ଏହି ମାମଲାରେ ୨ ଜଣ ଅଭିଯୁକ୍ତ ନୀଲମ୍ ଆଜାଦ ଓ ମହେଶ କୁମାବତଙ୍କୁ ବୁଧବାର ଜାମିନ୍ ଦେଇଛନ୍ତି । ସୂଚନା ମୁତାବକ, ଦିଲ୍ଲୀ ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କ ଜାମିନ୍ ପିଟିସନକୁ ବିରୋଧ କରିଥିଲା । ଯଦିଓ ସେମାନଙ୍କୁ ଏବେ ହାଇକୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି । କହି ରଖୁଛୁ, ୨୦୨୩ରେ ଲୋକସଭା ଭିତରେ ପଶି ହଳଦିଆ ଗ୍ୟାସ୍ ଛଡ଼ା ଯାଇଥିଲା ଏବଂ ନାରାବାଜି କରାଯାଇଥିଲା । ଦିଲ୍ଲୀ ହାଇକୋର୍ଟ ସଂସଦର ସୁରକ୍ଷାରେ ତ୍ରୁଟି ମାମଲାରେ ଅଭିଯୁକ୍ତ ନୀଲମ୍ ଆଜାଦ ଓ ମହେଶ କୁମାବତଙ୍କୁ ଜାମିନ୍ ପ୍ରଦାନ କରି କିଛି ସର୍ତ୍ତ ମଧ୍ୟ ରଖିଛନ୍ତି । କୋର୍ଟ କହିଛନ୍ତି ଯେ ଜାମିନ୍ ସମୟରେ ଦୁହେଁ ଗଣମାଧ୍ୟମ ସହ କୌଣସି କଥାବାର୍ତ୍ତା କରିବେ ନାହିଁ । ଏଥିସହ ସେମାନେ ସୋସିଆଲ ମିଡିଆରେ କିଛି ପୋଷ୍ଟ ମଧ୍ୟ କରିବେ ନାହିଁ । ଜଷ୍ଟିସ୍ ସୁବ୍ରମଣ୍ୟମ୍ ପ୍ରସାଦ ଏବଂ ଜଷ୍ଟିସ୍ ହରିଶ୍ ବୈଦ୍ୟନାଥନ୍ ଶଙ୍କରଙ୍କ ଖଣ୍ଡପୀଠ ଉଭୟ ଅଭିଯୁକ୍ତଙ୍କୁ ୫୦,୦୦୦ ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଦୁଇ ଜାମିନଦାରଙ୍କ ଉପରେ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ନିମ୍ନ ଅଦାଲତ ଏହି ମାମଲାରେ ଅଭିଯୁକ୍ତମାନଙ୍କ ଜାମିନ୍ ପିଟିସନକୁ ଖାରଜ କରିଦେଇଥିଲେ । ଏହାପରେ ଅଭିଯୁକ୍ତମାନେ ନିମ୍ନ ଅଦାଲତଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ । ଦିଲ୍ଲୀ ହାଇକୋର୍ଟ ନୀଲମ୍ ଆଜାଦ ଓ ମହେଶ କୁମାବତଙ୍କ ଜାମିନ୍ ଆବେଦନର ଶୁଣାଣି ପରେ ମେ' ୨୧ରେ ନିଜର ରାୟ ସଂରକ୍ଷିତ ରଖିଥିଲେ । ପୋଲିସ କୋର୍ଟରେ ଯୁକ୍ତି ଦର୍ଶାଇଥିଲା ଯେ ୨୦୦୧ରେ ସଂସଦ ଉପରେ ହୋଇଥିବା ଆକ୍ରମଣର ଭୟାବହ ସ୍ମୃତିକୁ ତାଜା କରିବା ଥିଲା ଅଭିଯୁକ୍ତମାନଙ୍କ ଉଦ୍ଦେଶ୍ୟ ।

## ଲାଲକୃଷ୍ଣ ଆଡଭାନୀଙ୍କ ରଥଯାତ୍ରାକୁ ବୋମାରେ ଉଡ଼ାଇବାକୁ ରଚିଥିଲେ ଷଡ଼ଯନ୍ତ୍ର, ୩୦ ବର୍ଷ ପରେ ଆତଙ୍କୀ ସିଦ୍ଦିକୀ ଓ ସହଯୋଗୀ ଗିରଫ



ତାମିଲନାଡୁ : ଦେଶର ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ରଥଯାତ୍ରା ସମୟରେ ପାଇପ୍ ବୋମା ଲଗାଇବାକୁ ଚେଷ୍ଟା କରିଥିବା ଆତଙ୍କବାଦୀ ଗିରଫ । ଆତଙ୍କୀ ଅବୁବକର ସିଦ୍ଦିକୀକୁ ୩୦ ବର୍ଷ ପରେ ଗିରଫ କରାଯାଇଛି । ତାମିଲନାଡୁର ମଦୁରାଇରେ ଏହି ଘଟଣା ଘଟିଥିଲା । ଏବେ ଦୀର୍ଘ ୩୦ ବର୍ଷ ପରେ ଆତଙ୍କୀକୁ ଆନ୍ଧ୍ର ପ୍ରଦେଶରେ ତା' ଆଡ୍ଡାରୁ ଗିରଫ କରାଯାଇଛି । ପୋଲିସ ମଙ୍ଗଳବାର ଏହି ସୂଚନା ଦେଇଛି । ପୋଲିସ କହିଛି ଯେ ସିଦ୍ଦିକୀ ଦକ୍ଷିଣ ଭାରତରେ ହୋଇଥିବା କେତେକ ବୋମା ବିସ୍ଫୋରଣ ଘଟଣା ଘଟାଇବାରେ ସମ୍ପୃକ୍ତ ଥିଲା । ତାକୁ ତାମିଲନାଡୁର ଆତଙ୍କବାଦ ନିରୋଧୀ ସ୍କ୍ୱାଡ ଅନ୍ନାମୟା ଜିଲ୍ଲାରେ ତା' ଆଡ୍ଡାସ୍ଥଳୀରୁ ଗିରଫ କରିଛି । ଗତ ୩ ଦଶନ୍ଧି ହେବ ନାଗୋରର ସିଦ୍ଦିକୀକୁ ପୋଲିସ ଖୋଜୁଥିଲା ଏବଂ ତା' ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ମଧ୍ୟ ଥିଲା । ତେବେ ୬୦ ବର୍ଷୀୟ ସିଦ୍ଦିକୀ ସହିତ ତିରୁନେଲଭେଲିର ଅନ୍ୟ ଜଣେ ପଳାତକ ମହମ୍ମଦ ଉଲି ଓରଫ୍ ୟୁନୁସ୍ ଓରଫ୍ ମଂସୁରକୁ ବି ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି । ପୋଲିସ ସୂଚନା ମୁତାବକ, ସେମାନେ ଅନେକ ବୋମା ବିସ୍ଫୋରଣ ଏବଂ ସାମ୍ପ୍ରଦାୟିକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲେ ଏବଂ ୩ ଦଶନ୍ଧି ଧରି ପୋଲିସ ପଞ୍ଝାରୁ ଖସି ଯାଉଥିଲେ । ମଙ୍ଗଳବାର ଏକ ଗୁପ୍ତ ସୂଚନା ଆଧାରରେ ପୋଲିସ ଆତଙ୍କୀ ଦ୍ୱୟଙ୍କୁ ଗିରଫ କରିଛି । ସେମାନଙ୍କୁ କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସି ସହାୟତାରେ ଗିରଫ କରାଯାଇଛି । ଅବୁବକର ଅନେକ ହାଇ ପ୍ରୋଫାଇଲ୍ ଆତଙ୍କବାଦୀ ମାମଲାର ଅଭିଯୁକ୍ତ । ଏହି ମାମଲାଗୁଡ଼ିକ ମଧ୍ୟରେ ୧୯୯୫ରେ ଚିନ୍ତାଦ୍ରିପେଟସ୍ଥିତ ହିନ୍ଦୁ ମୁନ୍ନାନୀ କାର୍ଯ୍ୟାଳୟରେ ହୋଇଥିବା ବୋମା ବିସ୍ଫୋରଣ, ସେହି ବର୍ଷ ନାଗେ ?ରରେ ହିନ୍ଦୁ ଦକ୍ଷିଣପନ୍ଥୀ କାର୍ଯ୍ୟକର୍ତ୍ତା ଟି. ମୁଥୁକୃଷ୍ଣନଙ୍କ ପାଇଁ ମରଣାନ୍ତକ ପ୍ରମାଣିତ ହୋଇଥିବା ପାର୍ସଲ ବୋମା ବିସ୍ଫୋରଣ, ୧୯୯୯ରେ ଏଗମୋରସ୍ଥିତ ଚେନ୍ନାଇ ପୋଲିସ ଆୟୁକ୍ତ କାର୍ଯ୍ୟାଳୟ ଏବଂ ତିରୁଚିରାପଲ୍ଲି, କୋୟମ୍ବଟୁର ଓ କେରଳ ସମେତ ଅନ୍ୟ ୬ଟି ଜାଗାରେ ବୋମା ଲଗାଇବାର ମାମଲା ଅନ୍ତର୍ଭୁକ୍ତ ।

## ଦିଘା ଜଗନ୍ନାଥ ମନ୍ଦିରକୁ 'ଧାମ' ଆଖ୍ୟା ନେଇ ବିବାଦ: କୋଲକାତା ହାଇକୋର୍ଟରେ ବିଶ୍ୱ ହିନ୍ଦୁ ପରିଷଦର ପିଟିସନ



କୋଲକାତା,୨।୭: ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ବୁଧବାର ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲାରେ ନିକଟରେ ଉଦ୍ ?ଘାଟିତ ଜଗନ୍ନାଥ ମନ୍ଦିରକୁ 'ଧାମ' ଆଖ୍ୟା ଦେବାକୁ ଚ୍ୟାଲେଞ୍ଜ କରି କୋଲକାତା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାୟର କରିଛି । ଜଷ୍ଟିସ ସୌମେନ ସେନ ଓ ଜଷ୍ଟିସ ସ୍ମିତା ଦାସଙ୍କ ଦ୍ୱିସଦସ୍ୟ ବେଞ୍ଚ ଏହି ଆବେଦନକୁ ଗ୍ରହଣ କରିଛନ୍ତି । ଏହି ମାମଲାର ଶୁଣାଣି ଗୁରୁବାର କିମ୍ବା ଶୁକ୍ରବାର ହେବାର ସମ୍ଭାବନା ରହିଛି । ପଶ୍ଚିମବଙ୍ଗ ସରକାରଙ୍କ ରେକର୍ଡ ଅନୁଯାୟୀ, ଦିଘା ମନ୍ଦିରକୁ 'ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରାଯାଇଛି । କିନ୍ତୁ ହିନ୍ଦୁ ଧାର୍ମିକ ବିଶ୍ୱାସ ଅନୁଯାୟୀ, ବଦ୍ରୀନାଥ, ରାମେଶ୍ୱରମ, ଦ୍ୱାରକା ଓ ପୁରୀ ବ୍ୟତୀତ ଅନ୍ୟ କୌଣସି ଧାର୍ମିକ ସ୍ଥାନକୁ 'ଧାମ' ଆଖ୍ୟା ଦିଆଯାଇ ନ ପାରିବ ବୋଲି ଭିଏଚପି ଏହାକୁ ଚ୍ୟାଲେଞ୍ଜ କରିଛି । ଭିଏଚପିର ଆବେଦନରେ ଆହୁରି ଦାବି କରାଯାଇଛି ଯେ, ଦିଘା ମନ୍ଦିରରେ 'ପ୍ରସାଦ' ଭାବେ ବଣ୍ଟା ଯାଇଥିବା ମିଠାର କିଛି ଅଂଶ ଅଣ-ହିନ୍ଦୁଙ୍କ ମିଠା ଦୋକାନରୁ ପ୍ରସ୍ତୁତ କରାଯାଇଥିଲା, ଯାହା ହିନ୍ଦୁ ଧାର୍ମିକ ଭାବନାକୁ ଆଘାତ କରିଛି । ଭାଜପା ଆରମ୍ଭରୁ ହିଁ ଏହି ଘଟଣାର ବିରୋଧ କରି ଆସୁଛି । ଗତ ମାସରେ ଭାଜପାର ଆଇଟି ସେଲ ମୁଖ୍ୟ ତଥା ପଶ୍ଚିମବଙ୍ଗ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଅମିତ ମାଲଭିୟା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅଣ-ହିନ୍ଦୁ ଦୋକାନରୁ ମିଠା ଆଣି ଦିଘା ମନ୍ଦିରର 'ପ୍ରସାଦ' ଭାବେ ବଣ୍ଟନ କରି ହିନ୍ଦୁ ଭାବନାକୁ ଅପମାନ କରିବାର ଅଭିଯୋଗ କରିଥିଲେ। ତାଙ୍କ ମତରେ, ଓଡ଼ିଶାର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଅଣ-ହିନ୍ଦୁମାନଙ୍କୁ ପ୍ରବେଶ ନିଷେଧ ଥିବା ପରମ୍ପରା ଅନୁଯାୟୀ, ଅଣ-ହିନ୍ଦୁ ଦୋକାନରୁ 'ପ୍ରସାଦ' ଆଣିବା ଧର୍ମନିରପେକ୍ଷତା ନୁହେଁ, ବରଂ ଜଗନ୍ନାଥଙ୍କ ପବିତ୍ରତା ପ୍ରତି ଲକ୍ଷ୍ୟବଦ୍ଧ ଅପମାନ। ଏହି ବିବାଦ ଦିଘା ଜଗନ୍ନାଥ ମନ୍ଦିରର ଉଦ୍ ?ଘାଟନ ପରେ ଆରମ୍ଭ ହୋଇଥିଲା ଏବଂ ଏବେ କୋଲକାତା ହାଇକୋର୍ଟରେ ଏହା ଆଇନଗତ ବିବାଦରେ ପରିଣତ ହୋଇଛି। ଏହି ମାମଲା ହିନ୍ଦୁ ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ପ୍ରଥାକୁ ନେଇ ଆଲୋଚନାକୁ ଆହୁରି ତୀବ୍ର କରିଛି।

# ଗିଲ୍‌ଙ୍କ ଲଢୁଆ ଶତକ, ଭାରତ ୩୧୦/୫

ବର୍ମିଂହାମ,୨।୭: ବର୍ମିଂହାମର ଏଜବାଷ୍ଟନରେ ବୁଧବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭାରତ ୫ ୱିକେଟ୍ ହରାଇ ୩୧୦ ରନ କରିଛି। ଅଧିନାୟକ ଶୁଭମନ ଗିଲ୍ ଐତିହାସିକ ଶତକ ହାସଲ କରିଛନ୍ତି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଗିଲ୍ ୧୧୪ ରନ ଓ ରବୀନ୍ଦ୍ରା ଜାଡ଼େଜା ୪୧ ରନ କରି କ୍ରିଜରେ ଅପରାଜିତ ଅଛନ୍ତି। ଯଶସ୍ୱୀ ଜୟସ୍ୱାଲ ୮୭ ରନର ଇନିଂସ ଖେଳିଛନ୍ତି। ଇଂଲଣ୍ଡ ପକ୍ଷରୁ କ୍ରିସ ୱୋକ୍ସ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି।ଏହା ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଭାରତ ଦ୍ୱିତୀୟ ଟେଷ୍ଟରେ ତିନୋଟି ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଛି ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ୧୫ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। କେଏଲ ରାହୁଲ ୨ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଯଶସ୍ୱୀ ଜୟସ୍ୱାଲ ଓ ତିନି ନମ୍ବରରେ ବ୍ୟାଟିଂ କରିଥିବା କରୁଣ ନାୟର କ୍ରିଜରେ ଜମି ଦ୍ୱିତୀୟ ୱିକେଟ୍ ପାଇଁ ୮୦ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ। କ୍ରିଜରେ ଜମି ଆସିଥିବା କରୁଣ ନାୟର ୩୧ ରନ କରି ଆଉଟ୍ ହୋଇଥିଲେ। ଜୟସ୍ୱାଲ ଓ ଅଧିନାୟକ ଶୁଭମନ ଗିଲ୍ ଇନିଂସକୁ ଆଗକୁ ବଢାଇଥିଲେ। ଦୁଇ ବ୍ୟାଟର ଦମଦାର ବ୍ୟାଟିଂ କରି ୩ୟ ୱିକେଟ୍ ପାଇଁ ୬୬ ରନ ଯୋଡ଼ି ଦଳର



ସ୍କୋରକୁ ୧୬୧ ରନରେ ପହଞ୍ଚାଇଥିଲେ ।

ଜୟସ୍ୱାଲ ପୁଣି ଏକ ଦମଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ୧୦୭ ବଲରୁ ୧୩ ଚୌକା ସହ ୮୭ ରନ କରିଥିଲେ। ତାଙ୍କ ଆଉଟ୍ ପରେ ଭାରତ ଶୀଘ୍ର ଆଉ ୨ଟି ୱିକେଟ୍ ହରାଇଥିଲା। ଋଷଭ ପନ୍ତ ୨୫ ରନ କରିଥିଲେ ହେଁ ବଡ଼ ଇନିଂସ ଖେଳି ପାରି ନ ଥିଲେ। ।ଚୂଡ଼ାନ୍ତ ଏକାଦଶରେ ସୁଯୋଗ ପାଇଥିବା ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ(୧) ଆଉଟ୍ ହୋଇଥିଲେ। ୨୧୧ ରନରେ ୫ ୱିକେଟ୍ ହରାଇ ମୁସ୍କିଲ ସ୍ଥିତିରେ ପଡ଼ିଥିଲା।ଭାରତ ତେବେ ଅଧିନାୟକ ଶୁଭମନ ଗିଲ୍ ରବୀନ୍ଦ୍ର ଜାଡ଼େଜାଙ୍କ ସହ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ।ଦୁଇ ବ୍ୟାଟର ଧୈର୍ଯ୍ୟର ସହ ବ୍ୟାଟିଂ କରି ପ୍ରଥମ ଦିନରେ ଦଳକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଏହା ମଧ୍ୟରେ ଗିଲ୍ ନିଜର ଟେଷ୍ଟ କ୍ୟାରିୟରରେ ସପ୍ତମ ଶତକ ହାସଲ କରିବା ସହ ଐତିହାସିକ ଇନିଂସ ଖେଳିଥିଲେ। ଗିଲ୍ ଓ ଜାଡ଼େଜା ଅଦ୍ୟାବଧି ଷଷ୍ଠ ୱିକେଟ୍ ପାଇଁ ୯୯ ରନ ଯୋଡ଼ିଛନ୍ତି। ଭାରତ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ୱିକେଟ୍ ହରାଇ ୩୧୦ ରନ କରିଛି। ଗିଲ୍ ୧୨ ଚୌକା ସହ ୧୧୪ ରନ ଓ ଜାଡ଼େଜା ୬୭ ବଲରୁ ୫ ଚୌକା ସହ ୪୧ ରନର ଅପରାଜିତ ଇନିଂସ ଖେଳିଛନ୍ତି।ବୋଲିଂରେ ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱୋକ୍ସ ୫୯ ରନ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି ବ୍ରାଇଡନ କାର୍ସ, ବେନ ଷ୍ଟୋକ୍ସ ଓ ଶୋଏବ ବସିର ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି ।

# ଏନ୍‌ସି କ୍ଲାସିକ୍‌ରୁ ଓହରିଲେ ଓଡ଼ିଆ ପୁଅ କିଶୋର

ଭୁବନେଶ୍ୱର,୨।୭: ଆସନ୍ତା ୫ ତାରିଖରେ ବେଙ୍ଗାଲୁରୁରେ ଆୟୋଜିତ ହେବାକୁ ଯାଉଛି ପ୍ରଥମ ନୀରଜ ଚୋପ୍ରା (ଏନ୍‌ସି) କ୍ଲାସିକ-୨୦୨୫। ବିଶ୍ୱର ବହୁ ଆଗ ଧାଡ଼ିର ଜାଭେଲିନ ଫିଙ୍ଗାଳି ଏହି ପ୍ରତିଯୋଗିତାରେ ଭାଗ ନେବେ। ଏକମାତ୍ର ଓଡ଼ିଆ ଭାବେ କିଶୋର କୁମାର ଜେନାଙ୍କୁ ଏଥିରେ ସୁଯୋଗ ମିଳିଥିଲା। କିନ୍ତୁ ସେ ଆହତ ହେବା କାରଣରୁ ପ୍ରତିଯୋଗିତାରୁ ଓହରି



ଯାଇଛନ୍ତି। କିଶୋରଙ୍କ ପାଦ ଗଣ୍ଠିରେ ଆଘାତ ଲାଗିଛି। ତେଣୁ ସେ ଆଉ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ତାଙ୍କ ସ୍ଥାନରେ ଯଶବୀର ସିଂଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ୨୩ ବର୍ଷୀୟ ଯୁବ ତାରକା ଗତ ମେ ମାସରେ ଦକ୍ଷିଣ କୋରିଆରେ ଆୟୋଜିତ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ୮୨.୫୭ ମିଟର ପ୍ରଦର୍ଶନ ଦେଇଥିଲେ। ମୋଟ୍ ୧୨ ଜଣ ପ୍ରତିଯୋଗୀ ଫାଇନାଲରେ ଥ୍ରୋ କରିବେ। ଏନ୍‌ସି କ୍ଲାସିକ ପ୍ରଥମେ ଗତ ମେ ୨୪ ତାରିଖରେ ଆୟୋଜନ କରାଯିବା ନେଇ ସ୍ଥିର ହୋଇଥିଲା। କିନ୍ତୁ ଭାରତ-ପାକିସ୍ତାନ ସୀମାରେ ତୀବ୍ର ଉତ୍ତେଜନା ପରେ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା ଏବଂ ପରେ ପୁନଃ ସୂଚୀ ଘୋଷଣା କରାଯାଇଥିଲା। ଏହି ପ୍ରତିଯୋଗିତାରେ। ଟିକେଟ୍ ମୂଲ୍ୟ ୧୯୯ରୁ ୯୯୯ ଟଙ୍କା ରଖାଯାଇଛି।

# ହଟହଟା ହେଲା ଟିମ୍ ଇଣ୍ଡିଆ



ବର୍ମିଂହାମ,୨।୭: ବର୍ମିଂହାମ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ ପୂର୍ବରୁ ବର୍ମିଂହାମ ସହରରେ ଏକ ସନ୍ଦେହଜନକ ପ୍ୟାକେଜ୍ ମିଳିଥିଲା ଏହା ଖେଳାଳିମାନଙ୍କ ସହିତ ପ୍ରଶଂସକଙ୍କ ଉତ୍ତେଜନାକୁ ବୃଦ୍ଧି କରିଥିଲା। ଖେଳାଳିମାନଙ୍କୁ ବର୍ମିଂହାମରେ ଭାରତୀୟ କ୍ରିକେଟ ଦଳ ରହୁଥିବା ହୋଟେଲରୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଥିଲା। ସହରର ସେଣ୍ଟେନରୀ ସ୍କୋୟାରରେ ଏହି ପ୍ୟାକେଜ ମିଳିଥିଲା। ଏହା ପରେ ବର୍ମିଂହାମ ସିଟି ସେଣ୍ଟର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା।

ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ, ବର୍ମିଂହାମ ସିଟି ସେଣ୍ଟର ପୋଲିସ ସେଣ୍ଟେନରୀ ସ୍କୋୟାରରେ ଏକ ସନ୍ଦେହଜନକ ପ୍ୟାକେଜ ବିଷୟରେ ସୂଚନା ପାଇଲା।ଏହା ପରେ, ପୋଲିସ ତୁରନ୍ତ ସେଣ୍ଟେନରୀ ସ୍କୋୟାର ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ଘେରାବନ୍ଦୀ ସ୍ଥାପନ କରିଥିଲା। ବର୍ମିଂହାମ ସିଟି ସେଣ୍ଟର ପୋଲିସ ସୋସିଆଲ ମିଡିଆ। ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି, ଆମେ ବର୍ମିଂହାମ ସିଟି ସେଣ୍ଟରର ସେଣ୍ଟେନରୀ ସ୍କୋୟାର ଚାରିପାଖ ଅଞ୍ଚଳକୁ ଘେରାବନ୍ଦୀ କରିଛୁ ଏବଂ ଏକ ସନ୍ଦେହଜନକ ପ୍ୟାକେଜ ତଦନ୍ତ କରୁଛୁ। ଆମେ ଅପରାହ୍ନ ୩ଟା ପୂର୍ବରୁ ଏହା ବିଷୟରେ ସୂଚନା ପାଇଥିଲୁ ସତର୍କତା ସ୍ୱରୂପ, ଏହାର ତଦନ୍ତ ଚାଲିଥିବା ସମୟରେ ଅନେକ କୋଠା ଖାଲି କରାଯାଇଛି ଦୟାକରି ସେହି ଅଞ୍ଚଳକୁ ଯିବାରୁ ନିବୃତ୍ତ ରୁହନ୍ତୁ।

ଏହି ଘଟଣା ପରେ, ଦଳର ସଦସ୍ୟମାନଙ୍କୁ ହୋଟେଲ ଛାଡିବାକୁ ବାରଣ କରାଯାଇଥିଲା। ବିସିସିଆଇର ଏକ ସୂତ୍ର ପିଟିଆଇକୁ ନିଶ୍ଚିତ କରିଛି, ବର୍ମିଂହାମ ସିଟି ସେଣ୍ଟର ପୋଲିସ ସୋସିଆଲ ମିଡିଆରେ ପୋଷ୍ଟ ପରେ ଖେଳାଳିମାନଙ୍କୁ ବାହାରକୁ ନଯିବାକୁ ପରାମର୍ଶ ଦେଇଥିଲା। ତଥାପି, ପୋଲିସ ଏକ ଘଣ୍ଟା ପରେ ସୁରକ୍ଷା ବଳୟ ହଟାଇ ଦେଇଥିଲା। ଭାରତୀୟ କ୍ରିକେଟରମାନେ ସାଧାରଣତଃ ଟିମ ହୋଟେଲ ନିକଟବର୍ତ୍ତୀ ଅଞ୍ଚଳରେ ବୁଲନ୍ତି, ଯାହା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି ଏହି ଘଟଣା ଯୋଗୁ ଖେଳାଳିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା।

## ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ପାଇବେ ଏସ୍‌ଜେଏଫ୍‌ଆଇ ପଦକ

ନୂଆଦିଲ୍ଲୀ,୨।୭: ୦୭: ଗତ ରବିବାର ଦିନ ଭୁବନେଶ୍ୱରରେ ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫ୍‌ଆଇ) ର ବାର୍ଷିକ ସାଧାରଣ ବୈଠକ ଓ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଆଗାମୀ ବର୍ଷର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଥିଲା ୨୦୨୪ ବର୍ଷ ପାଇଁ ଚେସ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ସମ୍ମାନଜନକ ଏସ୍‌ଜେଏଫ୍‌ଆଇ ପଦକ ପାଇବାକୁ ମନୋନୀତ ହୋଇଛନ୍ତି । ପୂର୍ବରୁ ବିଜୟ ଅମ୍ରିତରାଜ, ପ୍ରକାଶ ପାଦୁକୋନ, ସୁନୀଲ ଭାଗାସ୍କର, ମିଲଖା ସିଂ ଓ ପିଟି ଉଷାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।

# ପତ୍ନୀଙ୍କୁ ମାସକୁ ୪ ଲକ୍ଷ ଟଙ୍କା ଦେବେ ସାମି

ନୂଆଦିଲ୍ଲୀ,୨।୭: ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ପୁଣି ଏକ ଝଟ୍‌କା ଭାରତୀୟ କ୍ରିକେଟ ଦଳର ଷ୍ଟାର ଖେଳାଳି ମହମ୍ମଦ ସାମିଙ୍କୁ କଲିକତା ହାଇକୋର୍ଟରେ ଛାଡପତ୍ର ମାମଲାରେ ଏକ ବଡ଼ ଝଟକା ଲାଗିଛି କୋର୍ଟ ଷ୍ଟାର କ୍ରିକେଟରଙ୍କୁ ତାଙ୍କ ପୂର୍ବ ପତ୍ନୀ ହସିନ ଜହାଁ ଓ ଝିଅଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ କହିଛନ୍ତି। ହସିନ ଜହାଁଙ୍କୁ ପ୍ରତି ମାସରେ ୧.୫୦ ଲକ୍ଷ ଟଙ୍କା ଦେବାକୁ ପଡିବ ଓ ଝିଅଙ୍କୁ ପ୍ରତି ମାସରେ ୨.୫୦ ଲକ୍ଷ ଟଙ୍କା ମିଳିବ ବୋଲି ଅଦାଲତ ଶୁଣାଣି କରିଛନ୍ତି ତେବେ ଏହି ରାଶି ପଛୁଆ। ୭ ବର୍ଷରୁ ଲାଗୁ କରାଯାଇଛି ।

'ଘରୋଇ ହିଂସାରୁ ମହିଳା ସୁରକ୍ଷା' ଆଇନ ଅନୁଯାୟୀ ଏହି ମାମଲା ଦାୟର କରାଯାଇଥିବାବେଳେ ଏହାର ଶୁଣାଣି କରି ନିମ୍ନ ଅଦାଲତକୁ ଛଅ ମାସ ମଧ୍ୟରେ ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତବର୍ଷ ମହମ୍ମଦ ସାମି





ତାଙ୍କ ଝିଅ ଆୟରାଙ୍କ ସହ ଏକ ଭାବପ୍ରବଣ ସାକ୍ଷାତ କରିଥିଲେ ଭାରତୀୟ କ୍ରିକେଟ ଦଳର ଏହି ଖେଳାଳି ବହୁତ ଦିନ ପରେ ତାଙ୍କ ଝିଅକୁ ଭେଟିଥିଲେ ଏବଂ ବାପା-ଝିଅ ଯୋଡ଼ିଙ୍କୁ ଏକାଠି ସପିଂ କରୁଥିବାର ଦେଖିବାକୁ ମିଳିଥିଲା। ବହୁତ ଦିନ ପରେ ଯେତେବେଳେ ମୁଁ ତାଙ୍କୁ ପୁଣି ଦେଖିଲି ସେତେବେଳେ ସମୟ ଅଟକିଗଲା ତୁମକୁ ମୋ ଶବ୍ଦ ଅପେକ୍ଷା। ମୁଁ ଅଧିକ ଭଲପାଉଛି, ବେବୋ, ବୋଲି ସାମି ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ ପୋଷ୍ଟଟି ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ୧.୬୦ ଲକ୍ଷରୁ ଅଧିକ ଲାଇକ୍ ପାଇଥିଲା। ତଥାପି, ସାମିଙ୍କ ପରିତ୍ୟକ୍ତା ପତ୍ନୀ ହାସିନ ଜହାଁ ସେତେବେଳେ ସାକ୍ଷାତକୁ ନେଇ କିଛି ଗମ୍ଭୀର ଅଭିଯୋଗ ଆଣିଥିଲେ।

## ୱିମ୍ବଲଡନରେ ବଡ଼ ବିପର୍ଯ୍ୟୟ

# ପେଗୁଲା, ଝେଙ୍ଗ୍ ପ୍ରଥମ ରାଉଣ୍ଡରୁ ବିଦା

ଲଣ୍ଡନ,୨।୭: ଚଳିତ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୟୁଏସ୍ ଓପନ୍ ଉପବିଜୟିନୀ ତଥା ତୃତୀୟ ମାନ୍ୟତାପ୍ରାପ୍ତ ଜେସିକା ପେଗୁଲା ଏବଂ ପ୍ୟାରିସ୍ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ଝେଙ୍ଗ୍ କ୍ୱିନ୍‌ୱେନ୍‌ଙ୍କ ୱିମ୍ବଲଡନ୍ ଅଭିଯାନ ପ୍ରଥମ ରାଉଣ୍ଡ୍‌ରେ ଶେଷ ହୋଇଛି।



ଆମେରିକାର ପେଗୁଲାଙ୍କୁ ୬-୨, ୬-୩ ସେଟ୍‌ରେ ବିଶ୍ୱର ୧୧୬ ନମ୍ବର ଇଟାଲୀ ଲଳନା ଏଲିସାବେଟା କୋସିଆରେଟୋ ହରାଇ ବିଦାୟ ରାସ୍ତା ଦେଖାଇଥିଲେ। କୋସିଆରେଟୋ ଏଥିସହ ପେଗୁଲାଙ୍କଠୁ ଦୁଇ ବର୍ଷ ତଳର ୱିମ୍ବଲଡନ୍ ପରାଜୟର ପ୍ରତିଶୋଧ ନେବା ସହ ଦ୍ୱିତୀୟ ଥର ଲାଗି ଶୀର୍ଷ ମଧ୍ୟରେ ଥିବା ଖେଳାଳିଙ୍କୁ ହରାଇବାରେ ସଫଳ ହୋଇଛନ୍ତି। ସେହିପରି ପଞ୍ଚମ ମାନ୍ୟତାପ୍ରାପ୍ତ ଝେଙ୍ଗ୍ କଡ଼ା ସଂଘର୍ଷ କରି ୫-୭, ୬-୪, ୧-୬ ସେଟ୍‌ରେ ଚେକ୍‌ଗଣରାଜ୍ୟର କାଟେରିନା ସିନିଆକୋଭାଙ୍କଠୁ ହାରିଯାଇଥିଲେ ।

ପୁରୁଷ ଏକକରେ ବିଶ୍ୱର ଏକ ନମ୍ବର ଜାନିକ ସିନ୍ନର, ୧୧ ନମ୍ବର ଆଲେକ୍ସ ଡିମିନୁର ଓ ୧୩ ନମ୍ବର ଟମି ପଲ୍ ସହଜ ବିଜୟ ସହ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ୩ ଗ୍ରାଣ୍ଡ ସ୍ଲାମ୍ ବିଜେତା ଇଟାଲିର ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ନିଜ ଦେଶର ଲୁକା ନାର୍ଡିଙ୍କୁ, ଅଷ୍ଟ୍ରେଲିଆର ଡିମିନୁର ୬-୨, ୬-୨, ୭-୬ ସେଟ୍‌ରେ ସ୍ପେନ୍‌ର ରୋବର୍ଟୋ କାର୍ବାଲେସ ବାଏନାଙ୍କୁ ଏବଂ ଆମେରିକାର ପଲ୍ ୬-୪, ୬-୪, ୬-୨ ସେଟ୍‌ରେ ବ୍ରିଟିସ୍ ଖେଳାଳି ଜୋହାନସ ମନ୍‌ଡେଙ୍କୁ ପରାସ୍ତ କରିଥିଲେ ତେବେ ଗତ ସଂସ୍କରଣ ସେମିଫାଇନାଲିଷ୍ଟ ଇଟାଲିର ଲୋରେଞ୍ଜୋ ମୁସେଟି ୨-୬, ୬-୪, ୫-୭, ୧-୬ ସେଟ୍‌ରେ ଜର୍ଜିୟାର ନିକୋଲୋଜ ବାସିଲାଶଭିଲିଙ୍କଠୁ ହାରି ବିଦାୟ ନେଇଛନ୍ତି।

ଫ୍ରାନ୍ସର ୬ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଜିଏଭାନି ପେରିକାର୍ଡ ଚଳିତ ୱିମ୍ବଲଡନ୍ ଓପନ୍‌ରେ ଇତିହାସ ରଚିଛନ୍ତି ୱିମ୍ବଲଡନ୍ ଇତିହାସର ଦ୍ରୁତତମ ସର୍ଭିସ୍ ମାରିବାର ରେକର୍ଡ ନିଜ ନାମରେ ଲିପିବଦ୍ଧ କରି ନେଇଛନ୍ତି। ସେ ପଞ୍ଚମ ସିଡ୍ ଟେଲର ଫ୍ରିଜ୍‌ଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ହିଁ ପେରିକାର୍ଡ ଘଣ୍ଟାପ୍ରତି ୨୪୬ କିଲୋମିଟର ବେଗରେ ସର୍ଭିସ୍ କରିଥିଲେ। ହେଲେ ଫ୍ରିଜ୍ କେବଳ ଏହାକୁ ସଫଳତାର ସହ ରିଟର୍ଣ୍ଣ କରି ନଥିଲେ, ବରଂ ପଏଣ୍ଟ ବି ଜିତି ନେଇଥିଲେ। ପେରିକାର୍ଡ କିନ୍ତୁ ପ୍ରଥମ ଦୁଇ ସେଟ୍ ଜିତି ନେଇଥିଲେ। ଫ୍ରିଜ୍ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଯାଇଥିଲେ। ସମୟ ଅଭାବରୁ ସୋମବାର ଏହି ମ୍ୟାଚ୍ ସେହିଠାରେ ସ୍ଥଗିତ ରହିଥିଲା ମଙ୍ଗଳବାର ପଞ୍ଚମ ତଥା ଶେଷ ସେଟ୍‌କୁ ଜିତି ଫ୍ରିଜ୍ ମ୍ୟାଚ୍‌କୁ ନିଜ ନାଁରେ କରି ଦେଇଥିଲେ। ଫଳରେ ନୂଆ। ରେକର୍ଡ ସତ୍ତ୍ୱେ ପେରିକାର୍ଡ ନୈରାଶ୍ୟଜନକ ଭାବେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ ପେରିକାର୍ଡ ଏହିକ୍ରମରେ ୨୦୧୦ ମସିହାରେ ଆମେରିକାର ଟେଲର ଡେଣ୍ଟ୍ ମାରିଥିବା ଘଣ୍ଟାପ୍ରତି ୨୩୮ କିଲୋମିଟର ବେଗର ସର୍ଭିସ୍ ରେକର୍ଡକୁ ଭାଙ୍ଗିଥିଲେ। ଏହି ରେକର୍ଡ ସେ ପୂର୍ବବିଜେତା ନୋଭାକ ଜୋକୋଭିକ୍‌ଙ୍କ ବିପକ୍ଷ ମ୍ୟାଚ୍‌ରେ କରିଥିଲେ।

## ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକା

# ତୃତୀୟକୁ ଉଠିଲେ ମନ୍ଧନା

ଦୁବାଇ,୦୨।୦୭: ସଦ୍ୟ ଘୋଷିତ ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧନାଙ୍କ ସ୍ଥାନରେ ଉନ୍ନତି ଘଟିଛି। ବ୍ୟାଟିଂ ତାଲିକାରେ ସେ ଗୋଟିଏ ସ୍ଥାନ ଉଠି ତୃତୀୟରେ ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୭୭୧ ରହିଛି ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମନ୍ଧନା କ୍ୟାରିୟରରେ ପ୍ରଥମ ଟି-ଟ୍ୱେଣ୍ଟି ଶତକ ଅର୍ଜନ କରିଥିଲେ। ସେ ୬୨ଟି ବଲ୍‌ରେ ୧୧୨ (୧୫ଚୌକା, ୩ଛକା) ରନ୍ ସଂଗ୍ରହ କରିଥିଲେ।

ଦିନିକିଆ। ପରେ ଟି-ଟ୍ୱେଣ୍ଟିରେ ମଧ ତାଙ୍କ ନିକଟରେ ଶୀର୍ଷ ସ୍ଥାନ ଦଖଲ କରିବାର ସୁଯୋଗ ରହିଛି। ଅଷ୍ଟ୍ରେଲିଆର ବେଥ୍ ମୁନି (୭୯୪) ପ୍ରଥମ ଓ ୱେଷ୍ଟଇଣ୍ଡିଜର ହାୟଲି ମାଥ୍ୟୁସ (୭୭୪) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ଭାରତୀୟ ଓପନର ଶେଫାଳି ବର୍ମା ୧୩ତମ ଏବଂ ହର୍ଲିନ ଦେଓଲ ୮୬ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।ବୋଲିଂ ମାନ୍ୟତା ତାଲିକାରେ ଭାରତର ଦୀପ୍ତି ଶର୍ମା ତୃତୀୟ ଏବଂ ରେଣୁକା ସିଂହ ଷଷ୍ଠ ସ୍ଥାନକୁ ଖସିଛନ୍ତି। ପାକିସ୍ତାନର ସାଦିଆ। ଇକ୍‌ବାଲ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।ଅଷ୍ଟ୍ରେଲିଆର ଆନାବେଲ ସୁଦରଲାଣ୍ଡ ଦ୍ୱିତୀୟକୁ ଉଠିଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ଦୀପ୍ତି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି।ୱେଷ୍ଟଇଣ୍ଡିଜ୍‌ର ମାଥ୍ୟୁସଙ୍କ ଶୀର୍ଷ ସ୍ଥାନ ଅପରିବର୍ତ୍ତିତ ରହିଛି।

# 'ଦ ୱାନ'ରେ ଧାୱନ ବଖାଣିଲେ ମନର କୋହ

ନୂଆଦିଲ୍ଲୀ,୦୨।୦୭: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର ଶିଖର ଧାୱନ ଲେଖିଛନ୍ତି ଆତ୍ମଜୀବନୀ ଯାହାର ନାମ ରଖିଛନ୍ତି 'ଦ ୱାନ' ପୁସ୍ତକ ଛପା ସରିଛି। ଧାୱନ ନିଜେ ଇନ୍‌ଷ୍ଟାଗ୍ରାମରେ ଏହାର ଉନ୍ମୋଚନ କରିଛନ୍ତି ଏକ ସଟ୍ ଭିଡିଓ ମାଧ୍ୟମରେ ।

ଧାନ କହିଛନ୍ତି, ଜୀବନର ସବୁ ମ୍ୟାଚ୍ ପିଚରେ ଖେଳାଯାଏ ନାହିଁ । ଲୋକମାନେ ମୋର କରଭ ଡ୍ରାଇଭ, ସେଲିବ୍ରେସନ ଓ ହସ ବି ଦେଖିଛନ୍ତି ।କିନ୍ତୁ ଯେଉଁ କାହାଣୀ ମୋ ଭିତରେ ଲୁଚି ହୋଇଥିଲା ତାହା ଏବେ କହିବାର ଅଛ। ମୁଁ ଏକ ମଣିଷ, କ୍ରିକେଟ୍ ପିଚ ହିଁ ମୋତେ ପରିଚୟ ଦେଇଥିଲା। ଏହି ବହିରେ କେବଳ ମୋ କାହାଣୀ ନାହିଁ, ପ୍ରତ୍ୟେକ ମଣିଷର କାହାଣୀ ଯିଏ ସ୍ୱପ୍ନ ଦେଖେ, ନିଜେ ଉପରକୁ ଉଠେ। ଦୱାନ ହେଉଛି ମୁଁ। ଧାୱନ କ୍ୟାରିୟରରେ ୩୪ଟି ଟେଷ୍ଟ ଖେଳି ୨୩୧୫ ରନ୍, ୧୬୭ଟି ଦିନିକିଆ ଖେଳି ୬୭୯୩ ରନ୍ ଏବଂ ୬୮ଟି ଟି-ଟ୍ୱେଣ୍ଟି ଖେଳି ୧୭୫୯ ରନ୍ କରିଥିଲେ। ଟେଷ୍ଟରେ ୭ ଓ ଦିନିକିଆରେ ୧୭ଟି ଶତକ ସାମିଲ ରହିଛି।




# ସଂଜନାଙ୍କୁ ପ୍ରପୋଜ୍ କରିବା କାହାଣୀ କହିଲେ ବୁମରା

ମୁମ୍ବାଇ,୨।୭: କୋଭିଡ୍‌କୁ ନେଇ ଜେବ ବଳୟର ବିଭୀଷିକା ଭିତରେ ଭାରତୀୟ କ୍ରିକେଟ୍ ଦଳର ଦୁର୍ଦ୍ଧର୍ଷ ବୋଲର ଯଶପ୍ରୀତ ବୁମ୍‌ରା ନିଜ ଜୀବନର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ପତ୍ନୀ ସଂଜନା ଗଣେଶନଙ୍କୁ କେବଳ ବିବାହ ପ୍ରସ୍ତାବ ଦେଇ ନଥିଲେ ବରଂ ସଙ୍ଗରୋଧ ଏବଂ ଅନ୍ୟାନ୍ୟ କଟକଣା ସତ୍ତ୍ୱେ ତାଙ୍କୁ ବିବାହ କରି ନେଇଥିଲେ। ପୂର୍ବତନ ଭାରତୀୟ ଅଫ୍‌ସ୍ପିନର ହରଭଜନ ସିଂହ ଏବଂ ତାଙ୍କ ଅଭିନେତ୍ରୀ ପତ୍ନୀ ଗୀତା ବସ୍ରାଙ୍କୁ ସ୍ୱତନ୍ତ୍ର ସାକ୍ଷାତକାର ନେଇ ବୁମ୍‌ରା କିଭଳି ଏବଂ କେଉଁ ପରିସ୍ଥିତିରେ ସଂଜନାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ତାଉପରୁ ପରଦା ଉଠାଇଛନ୍ତି। କହିଛନ୍ତି, କୋଭିଡ୍ ସମୟ ଚାଲିଥିଲା ସେଥିପାଇଁ ପ୍ରତ୍ୟେକ ଦଳକୁ ଜେବ ବଳୟ ଭିତରେ ରହିବାକୁ ପଡୁଥିଲା ସଂଜନା କେକେଆର୍ ସହ କାମ କରୁଥିଲେ ମୁଁ ମୁମ୍ବାଇ ଇଣ୍ଡିଆନ୍ସରେ ଥିଲି ଉଭୟ ଦଳ କିନ୍ତୁ ଆବୁଧାବିରେ ରହୁଥିଲେ।

ମୁଁ ପାଖରେ ଏକ ହାତମୁଦି ରଖିଥିଲି। ଆଇପିଏଲ୍ ଶେଷ ପରେ



ତାଙ୍କୁ ପ୍ରପୋଜ୍ କରିବି ବୋଲି ଲକ୍ଷ୍ୟ ରଖିଥିଲି। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ପଡ଼ିଆ ଭିତର କଥାବାର୍ତ୍ତା ଛଡ଼ା ଆମ ଭିତରେ ଆଦୌ ଦେଖାଚାହାଁ ହୋଇ ପାରୁ ନଥିଲା। ଏଣୁ ଆମ ଦୁଇଜଣକୁ କେକେଆର୍ ଜୈବ ବଳୟରୁ ମୁମ୍ବାଇ ଜୈବ ବଳୟ ଭିତରକୁ ପ୍ରବେଶ କରିବା ଅନୁମତି ଦେବାକୁ ମୁଁ ସ୍ୱତନ୍ତ୍ର ଅନୁରୋଧ କରିଥିଲି।ଯାହାକୁ ମଞ୍ଜୁରି ମିଳିଯାଇଥିଲା। ଯେତେବେଳେ ସଂଜନା ଆମ ହୋଟେଲ୍‌ରେ ପହଞ୍ଚିଥିଲେ, ସବୁକିଛି ମୁଁ ନିଜ ହାତରେ କରିଥିଲି। କେକ୍ ରଖିଥିଲି, ରୁମ୍ ସଜାଇଥିଲି, ମୁଦିକୁ ପକେଟ୍‌ରେ ରଖିଥିଲି।ସଂଜନା ଏହି ବିଷୟରେ କିଛି ଜାଣି ନଥିଲେ। ବୁମ୍‌ରାଙ୍କ କଥାକୁ ଛଡ଼ାଇ ନେଇ ସଂଜନା କହିଥିଲେ ମୁଁ ପହଞ୍ଚିଥିଲା ବେଳକୁ ତୁରନ୍ତ ବାଲକୋନିକୁ ଯିବାକୁ ବୁମ୍‌ରା ମୋତେ କହିଥିଲେ। ବାଲକୋନିରେ ହିଁ ମୋତେ ବିବାହ ପ୍ରସ୍ତାବ ଦେଇଥିଲେ। ମୁଁ ଖୁସିଖୁସି ଏହାକୁ ଗ୍ରହଣ କରି ନେଇଥିଲି। ବୁମ୍‌ରା କହିଥିଲେ ପବନ ଜୋରରେ ବହୁଥିବାରୁ ମହମବତୀ ଲିଭିଯିବାର ଆଶଙ୍କା ଥିଲା। ଏଣୁ ସବୁକିଛି ତରବରିଆ ଭାବେ ଶେଷ କରିଦେବାକୁ ମୁଁ ଚାହୁଁଥିଲି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ